ନାରୀ-ଶିକ୍ଷା ।

ଶ୍ରୀଦୀନବନ୍ଧୁ ପଟ୍ଟନାୟକ ।

GPNanda Colln., Digitized by srujanika@gmail.com

NARI SHIKSHA
OR
FEMALE EDUCATION
PART I.

BY

DINABANDHU GARNAYAK

(EDITOR. SAMBALPUR HITAISHINI)

ନାରୀ-ଶିକ୍ଷା ।
୧ ମ ଭାଗ ।

ଶ୍ରୀଦୀନବନ୍ଧୁ ଗଡନାୟକ

(ସମ୍ବଲପୁରହିତୈଷିଣୀ ପତ୍ରିକାର ସମ୍ପାଦକ)

ପ୍ରଣୀତ ।

Printed at the Hitaishini
Electric Machine Press,
BAMRA.
1913

ମୂଲ୍ୟ ଦୁଇ ଅଣା ମାତ୍ର ।

GPNanda Colln., Digitized by srujanika@gmail.com

ଭୂମିକା ।

ସ୍ତ୍ରୀ-ଶିକ୍ଷା ଦେଶୋନ୍ନତିର ଅନ୍ୟତମ କାରଣ । ଇଦାନୀନ୍ତନ ପାଶ୍ଚାତ୍ୟ ଦେଶ ମାନଙ୍କରେ ସ୍ତ୍ରୀଶିକ୍ଷା ପ୍ରତି ସର୍ବ ସାଧାରଣଙ୍କ ସୁଦୃଷ୍ଟି ଥିବାରୁ ସେମାନଙ୍କର ଦେଶ ଦିନକୁଦିନ ଉନ୍ନତି ସୋପାନ ଅଡ଼କୁ ଅଗ୍ରସର ହେଉଅଛି, କିନ୍ତୁ ଏ ଦେଶରେ ସ୍ତ୍ରୀଶିକ୍ଷା ପ୍ରତି କେତେଦୂର ଯତ୍ନ ନଥିବାରୁ ଏ ଦେଶ ଅଧୋନ୍ନତ ଅବସ୍ଥାରେ ପଡ଼ି ରହିଅଛି । ଉଭୟ ବସ୍ତୁକୁ ସଂଯୁକ୍ତ ନକରି ଗୋଟିଏ ମାତ୍ର ବସ୍ତୁ ଚାଳନା କଲେ କୌଣସି କାର୍ଯ୍ୟ ସୁଚାରୁ ରୂପେ ସମ୍ପନ୍ନ ହେବା ଅସମ୍ଭବ । ନାରୀ ଓ ପୁରୁଷ ଉଭୟ ଜାତି ଜଗତର ଦୁଇଗୋଟି ବସ୍ତୁ, ନାରୀ ବସ୍ତୁ ଏ ଦେଶର କୌଣସି ବିଷୟରେ ଅଧିକାର ପାଉ ନଥିବାରୁ ନାନା ଅନେକ ଅସୁବିଧା ସଂଘଟିତ ହେଉଅଛି । ଜ୍ଞାନବତୀ ସ୍ତ୍ରୀ ଦ୍ୱାରା ଯେପରି ସାଂସାରିକ କାର୍ଯ୍ୟ ସୁଖ ସ୍ୱଚ୍ଛନ୍ଦରେ ନିର୍ବାହିତ ହୋଇ ପୂର୍ଣ୍ଣ-ଶାନ୍ତି ବିସ୍ତାର କରେ, ଜ୍ଞାନହୀନା ସ୍ତ୍ରୀ ଦ୍ୱାରା ସେପରି ଆଶା କରା ଯାଇ ନ ପାରେ । ସ୍ୱାମୀ ଓ ସ୍ତ୍ରୀ ଉଭୟେ ବିଦ୍ୟା ଓ ବୁଦ୍ଧିରେ ନିପୁଣ ହେଲେ, ମଣିକାଞ୍ଚନ ଯୋଗ ତୁଲ୍ୟ ହୁଏ । ସୁଶିକ୍ଷିତା ନାରୀ କି ସମାଜ-ନୀତି, କି ଧର୍ମ୍ମ-ନୀତି, କି ରାଜ-ନୀତି, ପ୍ରତ୍ୟେକ ବିଷୟରେ ପୁରୁଷର ସମକକ୍ଷ ହେବାର ଅସମ୍ଭବ ନୁହେ ।

GPNanda Colln., Digitized by srujanika@gmail.com

ଆମେରିକା, ଇଂଲଣ୍ଡ ପ୍ରଭୃତି ସଭ୍ୟଦେଶ ମାନଙ୍କରେ ସୁଶିକ୍ଷିତା ନାରୀମାନେ ପୁରୁଷ ମାନଙ୍କୁ ସାହାଯ୍ୟ ପ୍ରଦାନ କରି ସ୍ୱ ସ୍ୱ ଦେଶର ଅନେକ ମଙ୍ଗଳ ସାଧନ କରୁଅଛନ୍ତି । କେତେ ରମଣୀ ଜ୍ଞାନ ଓ ଚରିତ୍ର ବଳରେ ଦେବୋପମ କାର୍ଯ୍ୟ କରି ଜଗତକୁ ବିସ୍ମୟାପନ୍ନ କରୁଅଛନ୍ତି ।

ଅତି ପ୍ରାଚୀନ କାଳର ଭାରତୀୟ ଆଦର୍ଶ ଲଳନା ମାନଙ୍କର କାର୍ଯ୍ୟ ଓ ଗୁଣ ସ୍ମରଣ କରି ପୁଣି ଅଦ୍ୟକାଳର ଲଳନାମାନେ ଯେପରି ପ୍ରଶଂସାର୍ହ କାର୍ଯ୍ୟ ମାନଙ୍କରେ ବ୍ରତୀ ହେବେ, ଏହି ଆଶା ନୀରସ-ହୃଦୟକୁ ସଂଜୀବିତ କରୁଅଛି ।

ଉର୍ବରଶୀଳ ଭୂମିଜାତ ବୃକ୍ଷ ଯେପରି ସରସ ଓ ପୁଷ୍ଟ ହୁଏ, ସେପରି ସୁମାତାର ସନ୍ତାନମାନେ ବୟୋବୃଦ୍ଧି ସଙ୍ଗେ ବାଲ୍ୟ କାଳରୁ ଅଲକ୍ଷ୍ୟ ଭାବରେ, ବିନା ଆୟାସରେ, ସଦ୍ଗୁଣ ମାନଙ୍କରେ ଭୂଷିତ ହୁଅନ୍ତି । ନଚେତ୍ ସେମାନେ ଏହା ଶିକ୍ଷା କରିବାକୁ ସମୟ ଓ ଅର୍ଥର ସାପେକ୍ଷ ।

ମାତା ସନ୍ତାନର ପ୍ରଧାନ ଗୁରୁ, ମାତାର ଗୁଣାନୁଯାୟୀ ସନ୍ତାନ ଭଲ କିମ୍ବା ମନ୍ଦ ଗୁଣ ଅନୁସରଣ କରେ । ମହାବୀର ନେପୋଲିୟନ କହୁଥିଲେ—"ମୁଁ ଦେଶ ଜୟରେ ଯାହା କିଛି କରିଅଛି, କେବଳ ମୋର ମାତାଙ୍କର ପ୍ରସାଦରୁ କରିଅଛି"। ସୁତରାଂ ସ୍ତ୍ରୀ ଶିକ୍ଷା ଯେ ନିତାନ୍ତ ମଙ୍ଗଳ ଜନକ, ଏହା ବୋଲିବା ବାହୁଲ୍ୟ ମାତ୍ର । ନାରୀମାନଙ୍କୁ ଅଜ୍ଞାନାନ୍ଧକାରରେ ପତିତ ରଖି ପାରିବାରିକ ଶାନ୍ତି-ବୃଦ୍ଧି କିମ୍ବା ନୈତିକ ଉନ୍ନତି କରିବା ଦୁରାଶା ମାତ୍ର । ସୁତରାଂ ସେମାନଙ୍କୁ ଜ୍ଞାନାଲୋକକୁ ଆଣିବାକୁ ଯତ୍ନ କରିବା ନିତାନ୍ତ ପ୍ରୟୋଜନ । ଜଣେ, ଦୁଇଜଣର କାର୍ଯ୍ୟ ନୁହେ—କି ଧନୀ, କି ନିର୍ଦ୍ଧନୀ

GPNanda Colln., Digitized by srujanika@gmail.com

ପ୍ରତ୍ୟେକ ପରିବାରର ପ୍ରୟୋଜନ ।

ଏହି ପୁସ୍ତିକା ଖଣ୍ଡିକର ଅଧିକାଂଶ ଦେଶ, କାଳ ଓ ପାତ୍ର ବିବେଚନାରେ ଭାଷା ଓ ବିଷୟକୁ ଲକ୍ଷ୍ୟରଖି ଆଜକୁ ୧୬ ବର୍ଷ ଗତ ହେଲା ଲିଖିତ ହୋଇଥିଲା । କେବଳ ବୈଜ୍ଞାନିକ ବିଷୟ ଗୁଡ଼ିକ ଅଧୁନା ଯୋଗ କରା ଯାଇଅଛି । ନାରୀମାନଙ୍କର ଧର୍ମ, ବିଜ୍ଞାନ, ସ୍ୱାସ୍ଥ୍ୟ, ହସ୍ତ-ଶିଳ୍ପ ଇତ୍ୟାଦି ସାଧାରଣ ଜ୍ଞାନ ସମ୍ବନ୍ଧେ ଖଣ୍ଡିଏ ପୁସ୍ତିକା ଲେଖିବାର ଅଭିଳାଷ ବହୁ ଦିନରୁ ପୋଷଣ କରି ଥିଲେହେଁ ଅର୍ଥାଭାବ ତହିଁର ପ୍ରଧାନ ଅନ୍ତରାୟ ହୋଇଅଛି । ମୋର ସେ ଆଶା କେବେ ପୂରଣ ହେବ, ଭଗବାନଙ୍କୁ ଗୋଚର । ବର୍ତ୍ତମାନ ଏହି ନାରୀ-ଶିକ୍ଷା ପୁସ୍ତିକା ଦ୍ୱାରା କାହାରି କିଞ୍ଚିତ୍ ଉପକାର ହେଲେ ମୋର ସମସ୍ତ ପରିଶ୍ରମ ସଫଳ ଜ୍ଞାନ କରିବି ।

ଏହି ପୁସ୍ତିକାର ପ୍ରୁଫ୍ ସଂଶୋଧନ କାଳେ ବାମଣ୍ଡା ହାଇସ୍କୁଲ ୬ଷ୍ଠ ବାର୍ଷିକ ଶ୍ରେଣୀର ଛାତ୍ର ଶ୍ରଦ୍ଧେୟ ଶ୍ରୀଯୁକ୍ତ ଦିବ୍ୟରାଜ ଦେବ ଯଥେଷ୍ଟ ସାହାଯ୍ୟ ଦେଇଥିବାରୁ ମୁଁ ତାଙ୍କୁ କୃତଜ୍ଞ ଚିତ୍ତରେ ଧନ୍ୟବାଦ ପ୍ରଦାନ କରୁଅଛି ।

ଦେବଗଡ଼, ବାମଣ୍ଡା } ଶ୍ରୀଦୀନବନ୍ଧୁ ଗଡ଼ନାୟକ ।

GPNanda Colln., Digitized by srujanika@gmail.com

ସୂଚିପତ୍ର ।

୧ମ ଅଧ୍ୟାୟ ।

ବିଷୟ			ପୃଷ୍ଠାଙ୍କ
ବିଦ୍ୟାଶିକ୍ଷା	–	–	୧
ସଦ୍‌ଗୁଣ	–	–	୨

୨ୟ ଅଧ୍ୟାୟ ।

ନିତ୍ୟକର୍ମ ।

ଗାତ୍ରୋତ୍ଥାନ	–	–	୧୧
ଈଶ୍ୱର ନାମ	–	–	୧୨
ପ୍ରାତଃକୃତ୍ୟ	–	–	,,
ବିଦ୍ୟା ପଠନ	–	–	୧୩
ରନ୍ଧନ ଶିକ୍ଷା	–	–	,,
ସ୍ନାନ	–	–	୧୪
ଭୋଜନ	–	–	,,
ବିଶ୍ରାମ	–	–	୧୫
ନିର୍ମଳ ବାୟୁ ସେବନ		–	୧୬
ଅଙ୍ଗଚାଳନା	–	–	,,

GPNanda Colln., Digitized by srujanika@gmail.com

ବିଷୟ			ପୃଷ୍ଠାଙ୍କ
ଶୟନ	-	-	୧୭
ଛତା	-	-	,,
ବସ୍ତ୍ର	-	-	୧୮
ଗୃହ	-	-	୧୯
ସ୍ୱାସ୍ଥ୍ୟରକ୍ଷା	-	-	,,
ପରିଶ୍ରମ	-	-	୨୦

୩ୟ ଅଧ୍ୟାୟ ।

ନୈତିକ ଉନ୍ନତି ।

ସତ୍ୟ ବଚନ	-	-	୨୦
ପରନିନ୍ଦା	-	-	୨୧
କୁପ୍ରଥା ପରିତ୍ୟାଗ		-	୨୨
ମିଷ୍ଟ ବଚନ	-	-	୨୩
ଗମନ	-	-	,,
ଉପବେଶନ	-	-	୨୪
କୃତଜ୍ଞତା ସ୍ୱୀକାର		-	,,
ବନ୍ଧୁ	-	-	୨୫
ଭକ୍ତି	-	-	,,
ମାତ୍ସର୍ଯ୍ୟ ଶୂନ୍ୟତା		-	୨୭
ଉଚ୍ଚୀକ୍ଷିବ	-	-	,,
ଲଜ୍ଜା	-	-	୨୮

GPNanda Colln., Digitized by srujanika@gmail.com

ବିଷୟ			ପୃଷ୍ଠାଙ୍କ
ସକ୍ଷମା	–	–	୨୮
ପରୋପକାର	–	–	୨୯
କର୍ତ୍ତ୍ୱ୍ୟ	–	–	,,
ବିଳାସ ଶୂନ୍ୟତା		–	୩୦
ସ୍ୱାବଲମ୍ବନ	–	–	,,
ଅଳଙ୍କାର	–	–	୩୧
ଧୈର୍ଯ୍ୟ	–	–	,,
ମସ୍ତିଷ୍କର କାର୍ଯ୍ୟ	–	–	୩୨
ବିଶ୍ରାମ	–	–	୩୫

୪ ର୍ଥ ଅଧ୍ୟାୟ ।

ବଧୂବ୍ରତ ।

ପ୍ରକୃତନାରୀ କିଏ ?		–	୩୮
ପରିବାରବର୍ଗ ପ୍ରତି ବ୍ୟବହାର		–	,,
ପତିଭକ୍ତି	–	–	,,
ପଡୋଶି ପ୍ରତି ବ୍ୟବହାର		–	୪୨
ଗୃହକାର୍ଯ୍ୟ	–	–	୪୩
ସନ୍ତାନ ପାଳନ	–	–	୪୬
ଦାସ ଦାସୀ ପ୍ରତି ବ୍ୟବହାର		–	୪୮
ଗୃହ ପାଳିତ ପଶୁ ପକ୍ଷୀ ପ୍ରତି ବ୍ୟବହାର			୪୯
ଈଶ୍ୱର ବିଶ୍ୱାସ	–	–	୫୦

GPNanda Colln., Digitized by srujanika@gmail.com

୫ ମ ଅଧ୍ୟାୟ ।

ଆଦର୍ଶ ରମଣୀ ।

ବିଷୟ			ପୃଷ୍ଠାଙ୍କ
ସୀତା	–	–	୫୩
ପାର୍ବତୀ	–	–	୫୬
ଦମୟନ୍ତୀ	–	–	୫୮
ଚତୋର-ରାଣୀ ପଦ୍ମିନୀ		–	୬୦
ନାରୀଜାତିର କ୍ଷମତା		–	୬୨

GPNanda Colln., Digitized by srujanika@gmail.com

ଶୁଦ୍ଧିପତ୍ର ।

୬ ପୃଷ୍ଠା ୮ମ ଧାଡ଼ି ... ତୁମ୍ଭେ ଅଛଯାଏ ଯେତେ ଯତ୍ନରେ ଭଲ ହୋଇ ରହୁଥନ୍ତୁ ;

୨୮ ପୃଷ୍ଠା ୧୧ ଧାଡ଼ି ... 'ପରିବାର ପ୍ରତି ବ୍ୟବହାର' ସ୍ଥଳେ 'ପରିବାରବର୍ଗ ପ୍ରତି ବ୍ୟବହାର'

GPNanda Colln., Digitized by srujanika@gmail.com

ନାରୀଶିକ୍ଷା ।

୧ ମ ଅଧ୍ୟାୟ ।

ବିଦ୍ୟାଶିକ୍ଷା ।

କେତେକ ବର୍ଷ ପୂର୍ବେ ଏ ଦେଶରେ ପିତା-ମାତାମାନେ ବାଳିକାମାନଙ୍କୁ ଶିକ୍ଷା ଦେଉ ନ ଥିଲେ । କିନ୍ତୁ ଅଦ୍ୟକାଲି ଅନେକ ସ୍ଥଳରେ ବାଳିକାମାନଙ୍କର ଶିକ୍ଷା ନିମନ୍ତେ ବିଦ୍ୟାଳୟମାନ ସଂସ୍ଥାପିତ ହେଉଅଛି । ଅତି ପ୍ରାଚୀନ କାଳରେ ରାଜକନ୍ୟା , ବ୍ରାହ୍ମଣକନ୍ୟା ଓ ଋଷିକନ୍ୟାମାନେ ବିଦ୍ୟାଶିକ୍ଷା କରୁଥିବାର ଅନେକ ପ୍ରମାଣ ମିଳୁଅଛି । ସେମାନଙ୍କ ମଧ୍ୟରୁ କେହି କେହି ଅତିଗୂଢ଼ ବେଦର ଏକ୨ ଅଂଶ ରଚନା କରିଥିଲେ । ଲୀଳା-ବତୀ ତାଙ୍କ ପିତାଠାରୁ ବୀଜଗଣିତ ଅଙ୍କ ଶିକ୍ଷା କରିଥିଲେ । ଏହାର ଅନେକ ଦିନ ପରେ ପୁରୁଷଜାତି ନାରୀଜାତି ପ୍ରତି କ୍ରମଶଃ ଅବହେଳା ପ୍ରକାଶକରି ସେମାନଙ୍କୁ ବିଦ୍ୟାହୀନା ଓ ଜ୍ଞାନହୀନା କରି ଦେଇଥିଲେ । ଆନନ୍ଦର ବିଷୟ ଯେ ଅଦ୍ୟକାଲି ସର୍ବତ୍ର ବାଳିକା ମାନଙ୍କର ସୁଶିକ୍ଷା ପ୍ରତି ସମସ୍ତଙ୍କର ସୁଦୃଷ୍ଟି ପଡ଼ିଅଛି ।

ଈଶ୍ୱର କି ପୁରୁଷ କି ସ୍ତ୍ରୀ ସମସ୍ତଙ୍କୁ ଜ୍ଞାନବୃଦ୍ଧି ବିଷୟରେ ଅଧିକାର ଦେଇ ସୃଷ୍ଟି କରିଅଛନ୍ତି । ପୁରୁଷମାନେ ନାରୀମାନଙ୍କୁ ଜ୍ଞାନବାଟକୁ ନ ନେଇ ବଣାକରି ଦେଇଅଛନ୍ତି । ସେହି ହେତୁରୁ ନାରୀମାନଙ୍କର ଏତେ ଦୁର୍ଦ୍ଦଶା ।

GPNanda Colln., Digitized by srujanika@gmail.com

ଜ୍ଞାନ ଅଭ୍ୟାସ ଦ୍ୱାରା ବଢ଼େ । ଗୋଟିଏ ଲୌହଫଳକ ଅନେକ ଦିନ ପକାଇ ରଖିଲେ ଯେପରି ତହିଁରେ ମରିଚା ଧରି ନଷ୍ଟହୁଏ , ସେପରି ଅଭ୍ୟାସ ନକଲେ ଜ୍ଞାନ ଦିନକୁଦିନ ଊଣାପଡି କୌଣସି କାର୍ଯ୍ୟରେ ଲାଗେନାହିଁ । ଅତଏବ ସର୍ବଦା ଜ୍ଞାନ ବୃଦ୍ଧିପାଇଁ ଯତ୍ନ କରିବା ଉଚିତ । ଅଜ୍ଞାନୀ ଯେଉଁ କାର୍ଯ୍ୟ ଅତିକଷ୍ଟରେ କରେ , ଜ୍ଞାନୀ ତାହା ସହଜରେ ଓ ଅଳ୍ପ ସମୟ ମଧ୍ୟରେ ସମ୍ପନ୍ନ କରିପାରେ । ଆମ୍ଭେମାନେ ଯେ ଉଦ୍ଦେଶ୍ୟରେ ଜନ୍ମ ଗ୍ରହଣ କରିଅଛୁଁ , କେଉଁ କାର୍ଯ୍ୟକଲେ ଈଶ୍ୱର ପ୍ରୀତ ହୁଅନ୍ତି, ସାଂସାରିକ କାର୍ଯ୍ୟ ଯେପରି ନିର୍ବାହ କରି-ଯାଏ , ଏହିସବୁ ଜ୍ଞାନ ବ୍ୟତୀତ ଜଣା ଯାଏନାହିଁ ।

ଜ୍ଞାନ ଶିକ୍ଷାଦ୍ୱାରା ମିଳେ । କି ବାଳକ କି ବାଳିକା ସମସ୍ତେ ବିଦ୍ୟା ଓ ଜ୍ଞାନ ଉପାର୍ଜ୍ଜନ କରନ୍ତୁ , ଏହା ଈଶ୍ୱରଙ୍କର ଅଭି-ପ୍ରାୟ । ଈଶ୍ୱର ତୁମ୍ଭମାନଙ୍କୁ ପୁରୁଷ ମାନଙ୍କଠାରୁ କମ ଜ୍ଞାନ-ଦେଇ ନାହାନ୍ତି , ବରଂ ଅନେକ ପଣ୍ଡିତ ମାନଙ୍କ ବାକ୍ୟରୁ ଜଣାପଡେ ଯେ, ନାରୀମାନେ ସ୍ୱଭାବତଃ ପୁରୁଷମାନଙ୍କ ଠାରୁ ଅଧିକ ବୁଦ୍ଧିମତୀ । ହାୟ ! ଆଜିକାଲି ତୁମ୍ଭମାନଙ୍କ ଦୁର୍ଦ୍ଦଶା ଦେଖିଲେ କାହାର ମନରେ ଦୁଃଖଜାତ ନହେବ ? ତୁମ୍ଭେମାନେ ଯଦି ଏଣିକି ନିଜର ଉନ୍ନତି ନକରିବ ତେବେ ଦୋଷଦେବା କାହାକୁ ? ସରସ୍ୱତୀ ନାମିକା ବାଳିକା ନିଜର ଜ୍ଞାନ ଓ ଚରିତ୍ର ଉନ୍ନତ କରିବା ପାଇଁ ପୁସ୍ତକାଦି ପାଠକରେ ଏବଂ ଆପଣାର ସଖୀମାନଙ୍କୁ ମଧ୍ୟ ପାଠ କରିବାକୁ ଉପଦେଶ ଓ ଉତ୍ସାହ ଦିଏ ।

ପରିଶ୍ରମ କଲେ ସବୁ ମିଳେ । ପରିଶ୍ରମ ଆମ୍ଭମାନଙ୍କର ସୌଭାଗ୍ୟର ପ୍ରଥମ ସୋପାନ ସ୍ୱରୂପ । ସରସ୍ୱତୀ ଅତି ଯାହା

GPNanda Colln., Digitized by srujanika@gmail.com

ବୁଝି ପାରେନାହିଁ , ଯତ୍ନକର ପର ହିସାବ ତାହା ସହଜରେ ବୁଝିପାରେ, ସେତେବେଳେ ତାହାର ମନରେ ବଡ଼ ଆନନ୍ଦ ଜାତହୁଏ । ସେ ଯାହା ଥରକେ ବୁଝିବାକୁ ଅକ୍ଷମା ହୁଏ, ଦଶ-ଥର ଯତ୍ନକରି ସଫଳତା ଲାଭକରେ । ସେ ବିଦ୍ୟା - ସୋପା-ନରେ ଚଢ଼ି ପ୍ରତ୍ୟେକ ବିଷୟ ତନ୍ନ' କରି ଭଲମନ୍ଦ ଜାଣି ପାରୁଅଛି । ସେ ଚର୍ମଚକ୍ଷୁ ଦୁଇଗୋଟି ବ୍ୟତୀତ ଅପର ଗୋଟିଏ ଜ୍ଞାନଚକ୍ଷୁ ପାଇଅଛି । ଚର୍ମ-ଚକ୍ଷୁରେ ବାହ୍ୟ - ବସ୍ତୁ ସକଳ ଦେଖାଯାଏ କିନ୍ତୁ ଜ୍ଞାନଚକ୍ଷୁରେ ଅଦୃଶ୍ୟ ବିଷୟ ସକଳ ବୋଧ-ଗମ୍ୟ ହୁଏ ।

ଜ୍ୱର ରୋଗୀକୁ ଯେପରି ତିକ୍ତ ଔଷଧ ଭଲ ଲାଗେନାହିଁ କିନ୍ତୁ ତାହା ସେବନ କଲେ ଜ୍ୱରରୁ ମୁକ୍ତହୋଇ ସୁସ୍ଥହୁଏ । ସେପରି ଅଳ୍ପକାଳ ଗୁରୁମାନଙ୍କୁ ବିଦ୍ୟା ବିଷପରି ଲାଗୁଅଛି ଓ ପଢ଼ିବାକୁ ମନ ବଳୁନାହିଁ । ମାତ୍ର ସରସ୍ୱତୀ ପରି କଷ୍ଟସହ ପଢ଼ି ପାରିଲେ ଏହା ପଶ୍ଚାତ୍ ଅମୃତରୁ ବଳିବ ଓ ଅଧିକ ପଢ଼ିବାକୁ ଇଚ୍ଛାହେବ ।

ଭୋଜନ , ଶୟନ ପ୍ରଭୃତି କାର୍ଯ୍ୟ କଳାପ ମନୁଷ୍ୟମାନେ ଯାହା କରନ୍ତି ପଶୁମାନେ ମଧ୍ୟ ତାହା କରନ୍ତି , କିନ୍ତୁ ଜ୍ଞାନ-ବଳରେ ମନୁଷ୍ୟ ପଶୁଠାରୁ ଶ୍ରେଷ୍ଠ ଅଟେ । ଜ୍ଞାନହୀନ ଲୋକ ପଶୁ ସମାନ । ଅତଏବ ସରସ୍ୱତୀ ଜ୍ଞାନଲାଭ ପାଇଁ ଏକାନ୍ତ ମନରେ ବିଦ୍ୟା ପଠନ କରେ ।

ଗେଣ୍ଡାମଣି ମୂର୍ଖ ଅଟେ , ସେ ସର୍ବଦା ବୃଥାରେ କାଳ-କର୍ତ୍ତନ କରେ , ତହିଁରେ ତାହାର କିଛି ଲାଭ ହୁଏନାହିଁ , କିମ୍ବା ତାହାର ମନରେ ପବିତ୍ର ଆନନ୍ଦ ଜାତ ହୁଏନାହିଁ , ଗୃହ କାର୍ଯ୍ୟ ଚଳାଇବାକୁ ଗୋଟିଏ ସାମାନ୍ୟ ହିସାବ ଜାଣେନାହିଁ । ପୃଥିବୀଟା କେତେବଡ଼, ସୂର୍ଯ୍ୟ ଚନ୍ଦ୍ର କିପରି ଅଛନ୍ତି , କେଉଁ

GPNanda Colln., Digitized by srujanika@gmail.com

ଦେଶରେ କେଉଁ ୨ କଥା ହେଉଅଛି, ଏହିସବୁ ଜାଣିପାରେ ନାହିଁ, ବିଦେଶରୁ ପିତା, ଭ୍ରାତା ବା କୌଣସି ଆତ୍ମୀୟ ଲୋକ-ଠାରୁ ଗଣ୍ଡେପତ୍ର ଆସିଲେ ପଢ଼ି ପାରେନାହିଁ କିମ୍ବା ସେମାନଙ୍କ ଠାକୁ ଲେଖି ପାରେନାହିଁ ।

ଜ୍ଞାନୀମାନେ କହନ୍ତି, ସଂସାରରେ ଦୁଇଗୋଟି ଅମୃତ ବୃକ୍ଷ ଅଛି । ଗୋଟିଏ ସତ୍ସଙ୍ଗ, ଅପରଟି ବିଦ୍ୟା । ସତ୍ସଙ୍ଗ ବିଷୟ ଏହାପରେ ଲେଖାଯିବ । ବିଦ୍ୟାହୀନା ନାରୀ ଅନ୍ଧ ସମାନ । ବିଦ୍ୟାରୁ ଜ୍ଞାନ, ଜ୍ଞାନରୁ ଧର୍ମ୍ମ ଓ ଧର୍ମ୍ମରୁ ସ୍ୱର୍ଗ ପ୍ରାପ୍ତି ହୁଏ ।

ସରସ୍ୱତୀ ବିଦ୍ୟା ପଢ଼ିବାକୁ ଲଜ୍ଜା କରେନାହିଁ, କାରଣ ଏହା ଲଜ୍ଜାର ବିଷୟ ନୁହେ । ଯହିଁରେ ଭଲହେବ ତାହା ଅବଶ୍ୟ କରିବ । ଆମ୍ଭମାନଙ୍କ ସ୍ୱର୍ଗୀୟା ମହାରାଣୀ ଭିକ୍ଟୋରିୟା ବାଳିକା ବୟସରେ ଭଲକରି ପାଠ ପଢି ଥିବାରୁ ରାଜନୀତି, ଧର୍ମ୍ମନୀତି ସକଳ ବିଷୟରେ ଠିକ୍‌ରୂପେ ବିଚାର କରି ଏତେ ଗୋଡାଏ ଦେଶ ସୁନିୟମରେ ଶାସନ କରୁଥିଲେ ।

ଗେଞ୍ଛାମଣି ପରି ବାଳିକା କହି ପାରନ୍ତି, "ପାଠ ନପଢ଼ିଲେ ଭଣ ପେଟ ପୋଷାଯିବ ନାହିଁ" । ଏପରି ବିଚାର କରିବା ଅନୁଚିତ, କାରଣ ତୁମ୍ଭେମାନେ ଅର୍ଥୋପାର୍ଜ୍ଜନ ପାଇଁ ଚାକେରୀ କରିବ ନାହିଁ ସତ୍ୟ, କିନ୍ତୁ ସରସ୍ୱତୀ ପରି ଜ୍ଞାନ ଓ ଧର୍ମ୍ମ ଉପାର୍ଜ୍ଜନ କରି ପାରିବ । ଈଶ୍ୱର ନକରନ୍ତୁ, ଯଦି ତୁମ୍ଭେ-ମାନେ ପଛକୁ ଗରିବ ହୋଇଯିବ, ତେବେ ସେତେବେଳେ ଟଙ୍କା ପଇସା ଖରଚ କରି ତୁମ୍ଭମାନଙ୍କର ସନ୍ତାନ ମାନଙ୍କୁ ପଢ଼ାଇ ପାରିବ ନାହିଁ, ସୁତରାଂ ତୁମ୍ଭେମାନେ ସେମାନଙ୍କର ଶିକ୍ଷୟିତ୍ରୀ ପରି ବିଦ୍ୟାଶିକ୍ଷା ଦେବାକୁ ସମର୍ଥା ହେବ ।

ସରସ୍ୱତୀ ବୃଥା ସମୟ ନଷ୍ଟ କରେନାହିଁ । "ମୂର୍ଖମାନଙ୍କ,

GPNanda Colln., Digitized by srujanika@gmail.com

ଗତ ସମୟ ଆଉ ଫେରି ଆସେନାହିଁ ” । ଯେବେ ସମୟ ଗତହେଲେ ସେ ବୁଝିପାରେ ଯେ, ସେହି ସମୟ ଠିକ୍ ତାହାର ଅଦୃଷ୍ଟରୁ ଉଣାହେଲା ; ସୁତରାଂ ସେ ସମୟକୁ ଜୀବନତୁଲ୍ୟ ଜ୍ଞାନକରି ନଷ୍ଟ କରେନାହିଁ ।

ବାଲ୍ୟକାଳରେ କଷ୍ଟ ସହିଥିଲେ ତୁମ୍ଭେମାନେ ଯେତେବେଳେ ବଡ଼ହେବ, ସେତେବେଳେ ସହସ୍ର ଗୁଣରେ ସୁଖୀହେବ । ସୁତରାଂ ଭବିଷ୍ୟତ୍ର ମଙ୍ଗଳ ପାଇଁ ବିଦ୍ୟାପଢ଼ି ଜ୍ଞାନ ବୃଦ୍ଧି କର । ପ୍ରାଚୀନ ଉପଦେଶ ଅଛି, “ବିଦ୍ୟାଯେତେ ଅଭ୍ୟାସ କରିବ ସେତେ ବଢ଼ିବ । ଏହା ଚୋର ନେଇପାରେନାହିଁ । ଯେତେ ଦେଉଥିବ ସେତେ ବଢ଼ୁଥିବ ” । ଏଣୁ ବିଦ୍ୟାକୁ ପଣ୍ଡିତମାନେ ସର୍ବଶ୍ରେଷ୍ଠ ଧନବୋଲି କହି ଅଛନ୍ତି । ବିଦ୍ୟା ବିପଦ କାଳରେ ବନ୍ଧୁପରି ସାହାଯ୍ୟକରେ - ନୈରାଶ୍ୟ କାଳରେ ଆଶା । ଓ ଶୋକ କରେ-ବର୍ଦ୍ଧନରେ ଶାନ୍ତି ଦାନକରେ ।

ପରନ୍ତୁ ଅଳ୍ପପଢ଼ି ସନ୍ତୁଷ୍ଟ ହୁଏନାହିଁ । ମାତ୍ର ଦିନକୁଦିନ ଅଧିକ ପଢ଼ୁଥାଅ । ଅଧାଭରା କଳସି ଅଧିକ ଶବ୍ଦକରେ ମାତ୍ର ଜଳପୂର୍ଣ୍ଣ ଗିନା ଶବ୍ଦ କରେନାହିଁ । ସେପରି ଅଳ୍ପଜ୍ଞା ବାଳିକାମାନେ ଗର୍ବିତା ହୁଅନ୍ତି । ଗର୍ବ ଅଧଃପାତର ପୂର୍ବ ଲକ୍ଷଣ । ସେହି ଗର୍ବ ସେମାନଙ୍କର ସମୁଦାୟ ସଦ୍ଗୁଣକୁ ନଷ୍ଟକରେ । ଏହି ବାଲ୍ୟକାଳରେ ନ ପଢ଼ିଲେ ପଛକୁ କାହିଁକି ନ ପଢ଼ିଲି ବୋଲି ଅନୁତାପରେ ପଡ଼ିବ ।

ଈଶ୍ୱର ତୁମ୍ଭମାନଙ୍କ ମନରେ ଜ୍ଞାନାଲୋକ ପ୍ରଦାନ କରନ୍ତୁ, ଏବଂ ତୁମ୍ଭମାନଙ୍କ ଯୋଗୁଁ ଜନ୍ମଭୂମି ଉନ୍ନତି ଲାଭକରୁ ।

—ଠ୦ଃ0ଃଠ୦—

GPNanda Colln., Digitized by srujanika@gmail.com

ସଙ୍ଗ ।

ଅପଣାର ଉନ୍ନତି ଜନକ ସମସ୍ତ ବିଷୟରେ ସତ୍ସଙ୍ଗ ନିତାନ୍ତ ଆବଶ୍ୟକ । ସତ୍ ଅର୍ଥ ଭଲ ଓ ଅସତ୍ ଅର୍ଥ ମନ୍ଦ । ସୁମତି ନାମିକା ବାଳିକା ସତ୍ବାଳିକା ମାନଙ୍କ ସଙ୍ଗେ ଯେପରି ସଙ୍ଗକରେ, ସତ୍ପୁସ୍ତକ ମଧ୍ୟ ସେପରି ପାଠକରେ ।

ଯାହା ପଢ଼ିଲେ ଭଲ କାର୍ଯ୍ୟ କରିବା, ଭଲଦୃଶ୍ୟ ଦେଖିବା ଭଲକଥା କହିବା, ଭଲକଥା ଶୁଣିବା ଓ ଭଲ ବିଷୟ ମନରେ ବିଚାର କରିବାକୁ ଉପଦେଶ ମିଳେ ତାହାକୁ ସତ୍ପୁସ୍ତକ କହନ୍ତି । ଅସତ୍ ପୁସ୍ତକରେ ଏହି ସବୁର ପ୍ରତିକୂଳ ଉପଦେଶ ମିଳେ ।

ସୁମତି ତାହାର ସଙ୍ଗିନୀ ମାନଙ୍କୁ କହେ "ତୁମ୍ଭେମାନେ ଯେପରି ପୁସ୍ତକ ପଢ଼ିବ, ତୁମ୍ଭମାନଙ୍କର ମନର ଭାବ ସେପରି ହେବ, ତୁମ୍ଭେମାନେ ସଦମ୍ଭରେ ସହସ୍ର ବାର କଦାଚ ହେବୁଁ-ନାହିଁ କହିଲେ ସୁଦ୍ଧା ନିଶ୍ଚୟ ସେପରି ହେବ" । ସେ ଯେଉଁ ପୁସ୍ତକ ପଢ଼େ ଆଗେ ତାହା ସତ୍ ପୁସ୍ତକ କି ନା ପରୀକ୍ଷା କରି ଦେଖେ, ତହିଁରେ ଯେଉଁ ପ୍ରସଙ୍ଗ ଲେଖାଥାଏ ତାହା ଭଲଥିଲେ ଓ ପଢ଼ିବା ଦ୍ୱାରା ଉପକାର ମିଳିବାର ଆଶାଥିଲେ ତାହା ପାଠ-କରେ । ତାହା ସତ୍ କି ଅସତ୍ ଜାଣି ନପାରିଲେ ଅଧିକ ପଢ଼ିଥିବା ସଙ୍ଗିନୀ କିମ୍ବା ଗୁରୁ ପ୍ରଭୃତି ମାନ୍ୟ ଲୋକଙ୍କୁ ପଚାରି ନିଏ । ଯେତେବେଳେ ଯାହା ପ୍ରାପ୍ତହୁଏ ବିଚାର ନକରି ପଢ଼େ-ନାହିଁ । କାରଣ ଅସାର ପୁସ୍ତକ ଅନେକ ଗୁଡ଼ାଏ ପଢ଼ିବା ଅପେକ୍ଷା ଭଲପୁସ୍ତକ ଖଣ୍ଡିଏ ପଢ଼ି ତହିଁର ଉପଦେଶ ଗୁଡ଼ିକ ସ୍ମରଣ ରଖି ତଦନୁଯାୟୀ ଚଳିଲେ ଅଧିକ ଉପକାର ମିଳେ ।

ଅସତ୍ ସଙ୍ଗୀ ଅନେକ ମିଳନ୍ତି, ମାତ୍ର ସତ୍ସଙ୍ଗୀ ମିଳିବା

GPNanda Colln., Digitized by srujanika@gmail.com

କଷ୍ଟ । ଅତଏବ ସୁମତି ଉତ୍ତମରୂପେ ବିଚାର କରି ସତ୍-
ବାଳିକା ମାନଙ୍କ ସଙ୍ଗେ ମିଶେ । ସେ ଏକାକିନୀ ନିର୍ଜନରେ
ରହିବାକୁ ଭଲପାଏ ତଥାପି ଅସତ୍ ବାଳିକା ମାନଙ୍କ ସଙ୍ଗେ
କଦାପି ମିଶେନାହିଁ । ସୁମତି ସମବୟସ୍କା ମାନଙ୍କୁ ଡାକିକହେ ,
ଭଗ୍ନୀଗଣ ! ଯେ ସଙ୍ଗହୁଏ ତାହାର ସଙ୍ଗେ ଦୁଇ ଜଣଙ୍କର
କାର୍ଯ୍ୟ ଓ ମନ ଏକ ହୁଏ । ଅତଏବ ମନ୍ଦ ବାଳିକା ସଙ୍ଗେ
ସଙ୍ଗହେଲେ ତାହାର ମନ୍ଦ ଗୁଣସବୁ ତୁମ୍ଭଠାରୁ ଚାଲି ଆସିବ ।
ତୁମ୍ଭେ ଆଜିଯାଏ କେତେ ଯତ୍ନରେ ଭଲହୋଇ ରହିଅଛ ;
ମାତ୍ର ବର୍ତ୍ତମାନ ମନ୍ଦ କାର୍ଯ୍ୟ କରି ସେହି ସବୁ ଯତ୍ନ ବ୍ୟର୍ଥ କରିବା
ସାମାନ୍ୟ ଦୁଃଖର ବିଷୟ ନୁହେ । ଥରେ ମନ୍ଦହେଲେ ପୁଣି
ଭଲ ହେବା ବଡ଼ କଠିଣ ଅଟେ । ଯେପରି ଗୋଟିଏ ଛୁଣଘର
ବହୁ ପରିଶ୍ରମରେ ପ୍ରସ୍ତୁତ ହୋଇଅଛି , କିଏ ଅଗ୍ନି ଲଗାଇ
ଦେଲେ ତାହା ଭସ୍ମିଭୂତ ହୋଇଯିବ । ସେପରି ସାମାନ୍ୟ ମନ୍ଦ
କାର୍ଯ୍ୟରେ ସୁଦ୍ଧା ତୁମ୍ଭର ସମୁଦାୟ ସଦ୍ଗୁଣ ଲୋପ ହୋଇଯିବ ।
ଯେପରି ଜଣେ ଶିଳ୍ପୀ ଖଣ୍ଡିଏ୨ ଇଷ୍ଟକ ଯୋଡ଼ି ଗୋଟିଏ
ସୁନ୍ଦର ଅଟ୍ଟାଳିକା ନିର୍ମାଣ କରି ପରିଶେଷରେ ଉଚ୍ଚରେ
ଆନନ୍ଦରେ ଉପବେଶନ କରେ, ମାତ୍ର ଗୋଟିଏ କୂପ ଖନନ
କଲେ କ୍ରମେ୨ ନିମ୍ନ ଦେଶକୁ ଯାଇ ଅନ୍ଧକାରରେ ପଡ଼େ ।
ସେପରି ତୁମ୍ଭେମାନେ ଯଦି ଉନ୍ନତ ହେବାକୁ ଇଚ୍ଛାକର ତେବେ
ସର୍ବ ପ୍ରକାର ସତ୍କାର୍ଯ୍ୟ କରିବାକୁ ଶିକ୍ଷାକର । ଯଦି ତାହା
ନକରି ସତ୍ ପ୍ରବୃତ୍ତି ଗୁଡ଼ିକ ନଷ୍ଟ କରିଦିଅ, ତେବେ ଶେଷେ ନିଜର
ଅନିଷ୍ଟ ସାଧନ କରିବ । ପର୍ବତ ଉପରରୁ ତଳକୁ ପ୍ରସ୍ତର
ଗଡ଼ାଇ ଦେବା ସହଜ, ମାତ୍ର ତଳୁ ଉପରକୁ ଉଠାଇବାକୁ
କଷ୍ଟହୁଏ । ସେପରି ପ୍ରଥମରେ ମନ୍ଦକାର୍ଯ୍ୟ କରିବାକୁ ସରଳ ଓ

GPNanda Colln., Digitized by srujanika@gmail.com

ସତ୍‌କାର୍ଯ୍ୟ କରିବାକୁ କଷ୍ଟ ବୋଧହୁଏ କିନ୍ତୁ ସର୍ବ ଶେଷରେ ମନ୍ଦ କାର୍ଯ୍ୟରେ ଅନିଷ୍ଟ ହେବ ସତ୍‌କାର୍ଯ୍ୟରେ ମଙ୍ଗଳ ସାଧିତ ହୁଏ ।

ମାଦକ ସେବନକାରୀ ଯେପରି ପ୍ରଥମରେ ଟିକିଏ ଅମୋଦ ପାଇବା ପାଇଁ ଅଫିମ, ମଦ୍ୟ, ଗଞ୍ଜେଇ ପ୍ରଭୃତି ନିଶାଜନକ ଦ୍ରବ୍ୟ ବ୍ୟବହାର କରି ଶେଷରେ ଅର୍ଥ, ସ୍ୱାସ୍ଥ୍ୟ ଓ ମାନସିକ ସତ୍ପ୍ରବୃତ୍ତି ସମୁଦାୟ ନଷ୍ଟକରେ, ସେପରି ଆପାତ ମନୋରମ ଅସତ୍ ପ୍ରବୃତ୍ତି ଗୁଡିକ ଥରେ ହୃଦୟ ଅଧିକାର କଲେ ଏମାନଙ୍କ ପରିତ୍ୟାଗ କରିବା ସହଜ ନୁହେ । ଯେଉଁ ମାନଙ୍କର ସତ୍ କାର୍ଯ୍ୟରେ ଇଚ୍ଛାଥାଏ ଓ ଯେଉଁ ମାନେ ସତ୍‌କାର୍ଯ୍ୟ କରନ୍ତି ଶରତ୍‌କାଳୀନ ସୁଧାକର ପରି ସେମାନଙ୍କର ଯଶ ସର୍ବତ୍ର ପରିବ୍ୟାପ୍ତ ହୁଏ ।

ଈଶ୍ୱର ସବୁଠାରେ ଅଛନ୍ତି, ତୁମ୍ଭର ହୃଦୟରେ ମଧ୍ୟ ଅଛନ୍ତି; ତୁମ୍ଭର ହୃଦୟକୁ ଈଶ୍ୱରଙ୍କର ମନ୍ଦିର ବିବେଚନା କର । ଅତଏବ ତୁମ୍ଭର ହୃଦୟରେ କଦାଚ ଅସତ୍ ଚିନ୍ତା କରିବ ନାହିଁ । ସର୍ବଦା ମନକୁ ପବିତ୍ର ରଖ, ତାହାହେଲେ ଈଶ୍ୱର ତୁମ୍ଭ ଉପରେ ସନ୍ତୁଷ୍ଟ ହେବେ ଏବଂ ତୁମ୍ଭର ମଙ୍ଗଳ କରିବେ ।

ସୁମତି ନୀଚ ପ୍ରକୃତି ବହୁ ଜନାକୀର୍ଣ୍ଣ ସ୍ଥଳକୁ ଗମନ କରେନାହିଁ, କାରଣ ସେପରି ସ୍ଥଳକୁ ଗଲେ, ନିଜର ମର୍ଯ୍ୟାଦା ହାନି ହୁଏ । ସେ କୌଣସି ମନ୍ଦ ବାକ୍ୟ ବା ମନ୍ଦ ସଙ୍ଗୀତ ଶୁଣେନାହିଁ ଅଥବା ମନ୍ଦ ଚିତ୍ର କି ମନ୍ଦକାର୍ଯ୍ୟ ଦେଖେନାହିଁ । ସେ ଉତ୍ତମରୂପେ ଜାଣିଅଛି ଯେ, ଯେ ଦେଖେ କି ଶୁଣେ ପ୍ରଥମରେ ତାହାର ମନରେ ସେ ବିଷୟରେ ଘୃଣାଜାତ ହୋଇ-

GPNanda Colln., Digitized by srujanika@gmail.com

ପାରେ ସତ୍ୟ, ମାତ୍ର ବାରମ୍ବାର ଶୁଣିଲେ କି ଦେଖିଲେ ଅଭ୍ୟାସ ଦ୍ୱାରା ପଚ୍ଛକୁ ସେଥିରେ ମନ ବଳଯାଏ ଓ ସେହିପରି ମନ୍ଦ-କାର୍ଯ୍ୟ କରିବାକୁ ଇଚ୍ଛାହୁଏ ।

ସୁମତି କୌଣସି ଦୋଷକୁ ସାମାନ୍ୟ ବୋଲି ବିଚାର କରେ ନାହିଁ ; କାହିଁକିନା ସବୁ କାର୍ଯ୍ୟ ସାନରୁ ବଡ଼ହୁଏ । ଚୋର ସିନ୍ଧିଖୋଲି ପ୍ରଥମରେ ହସ୍ତ ଗଳାଇ ପରେ ମସ୍ତକ ଗଳାଏ ।

ଗୋଟିଏ କ୍ଷୁଦ୍ର ବିଷାକ୍ତ କୀଟ ଷୁଣ୍ଢ ଭିତରେ ପ୍ରବେଶ କରି ଗୋଟିଏ ମହାକାୟ ହସ୍ତୀକୁ ମାରିପାରେ, ଟିକିଏ ଅଗ୍ନି ଗୋଟିଏ ବଡ଼ ସହର ଦଗ୍ଧ କରିପାରେ ।

ସୁମତି ତାହାର ଚକ୍ଷୁ, କର୍ଣ୍ଣ, ନାସିକା, ଜିହ୍ୱା ଓ ତ୍ୱକ୍ ଏହି ପଞ୍ଚ ଇନ୍ଦ୍ରିୟ ମାନଙ୍କୁ ଏବଂ କାମନା, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ଷଡ଼୍‌ରିପୁ ମାନଙ୍କୁ ଆପଣାର ଅଧୀନରେ ରଖିବାକୁ ସର୍ବଦା ଚେଷ୍ଟା କରୁଥାଏ । ଯେହେତୁ ଏମାନେ ଭୀଷଣ ଶତ୍ରୁ । ଗୋଟିଏ ଶତ୍ରୁର ହାତରେ ପଡ଼ିଲେ, ସେଥି ସଙ୍ଗେ ସଙ୍ଗେ ଅନେକ ଶତ୍ରୁର ହାତରେ ପଡ଼ିବାକୁ ହେବ । ମନ୍ଦ-କାର୍ଯ୍ୟକାରୀ ତହିଁରୁ ଉଦ୍ଧାର ହେବା କଷ୍ଟ । ଲୋକେ କହନ୍ତି "କାଦୁଅ ମାଡ଼ି ଗୋଡ଼ ଧୋଇବା ଅପେକ୍ଷା କାଦୁଅ ନ ମାଡ଼ିବା ଭଲ", ମନରେ କୌଣସି କୁ ଅଭିଳାଷ ଉପସ୍ଥିତ ହେଲେ ସୁମତି ସଦ୍‌ପୁସ୍ତକ ପଠନ, ସତ୍ସଙ୍ଗ ଅଥବା ଗୁରୁଜନ ମାନଙ୍କ ନିକଟରେ ଉପବେଶନ କରି ମନକୁ ପରିବର୍ତ୍ତନ କରିଦିଏ ।

"ସଦ୍‌ଭାବ କାର୍ଯ୍ୟକର," "ଭଲ ବିଷୟ ଆଲୋଚନା କର," "ସମସ୍ତଙ୍କ ସଦ୍‌ବ୍ୟବହାର କର," "ଈଶ୍ୱର ସର୍ବତ୍ର ଅଛନ୍ତି," ପ୍ରଭୃତି ଗୋଟିଏ ଗୋଟିଏ ବାକ୍ୟ ସେ ଖଣ୍ଡେ ଖଣ୍ଡେ କାଗଜରେ ଲେଖି ଶୟନ ଏବଂ ପଠନ-ଗୃହର କାନ୍ଥରେ ଝୁଲାଇ ଦେଇଥାଏ ।

GPNanda Colln., Digitized by srujanika@gmail.com

ଏବଂ ପ୍ରତ୍ୟେକ ଦିନ ତାହା ଦେଖି ତଦନୁସାରେ ଚଳିବାକୁ ଯତ୍ନ କରେ । ଏହି ହେତୁରୁ ତାହାର ଅଳ୍ପଦିନ ମଧ୍ୟରେ ଅନେକ ଉନ୍ନତି ହୋଇଅଛି ।

ସତ୍ସଙ୍ଗ ଓ ଅସତ୍ସଙ୍ଗ ଦ୍ୱାରା କିପରି ଫଳ ପ୍ରାପ୍ତି ହୁଏ ତହିଁର ଗୋଟିଏ ଗଳ୍ପଅଛି :—

ଦିନକରେ ପ୍ରବଳ ପବନ ହେବାରୁ ଗୋଟିଏ ବୃକ୍ଷ ଶାଖାରୁ ଦୁଇଗୋଟି ପକ୍ଷୀ ଶାବକ ଭୂମିତଳରେ ପତିତ ହେଲେ । ଜଣେ ବ୍ୟାଧ ସେମାନଙ୍କୁ ଧରି ବଜାରକୁ ବିକ୍ରି କରିବାକୁ ଆଣିଲା । ଜଣେସାଧୁ ଗୋଟିଏ କିଣିନେଲେ, ଅପରଟି ଜଣେ ଚର୍ମ୍ମକାର କିଣିନେଲା । କିଛିଦିନ ପରେ ଜଣେ ଭଦ୍ରବ୍ୟକ୍ତି କାର୍ଯ୍ୟ ବଶତଃ ଚର୍ମ୍ମକାର ନିକଟକୁ ଗଲାକ୍ଷଣି ସେହି ପକ୍ଷୀ ଭଦ୍ର ବ୍ୟକ୍ତିଙ୍କୁ ଦେଖି "ତୁ କିଏରେ, କାହିଁ ଆସିଛୁରେ," ବୋଲି କେତେକ ଅଶିଷ୍ଟ କଥା କହିଲା । ଉକ୍ତ ଭଦ୍ରବ୍ୟକ୍ତି କାର୍ଯ୍ୟ ଶେଷକରି ତତ୍ପରେ ସେହି ସାଧୁ ନିକଟକୁ ଗଲେ, ତାଙ୍କର ପକ୍ଷୀ ଭଦ୍ର ବ୍ୟକ୍ତିଙ୍କୁ ଦେଖିଲାକ୍ଷଣି "ଆସିବା ହେଉନ୍ତୁ, ଆପଣଙ୍କର କୁଶଳତ?" ଇତ୍ୟାଦି ଗୋଟିକେତେ ଭଦ୍ର ବାକ୍ୟ ଦ୍ୱାରା ସମ୍ବୋଧନ କଲା । ଭଦ୍ରବ୍ୟକ୍ତି ଏହି ଦୁଇଗୋଟି ପକ୍ଷୀର ବିଭିନ୍ନ ଗୁଣଦେଖି ଆଶ୍ଚର୍ଯ୍ୟ ହୋଇ କାରଣ ଜିଜ୍ଞାସା କରିବାରୁ ସାଧୁ କହିଲେ ଦୁଇଗୋଟି ପକ୍ଷୀ ଏକ ମାତାର ସନ୍ତାନ, କିନ୍ତୁ ସହବାସ ଅନୁସାରେ ବ୍ୟବହାର ବିଭିନ୍ନ ।

—**:o:**—

GPNanda Colln., Digitized by srujanika@gmail.com

୨ ୟ ଅଧ୍ୟାୟ ।

ନିତ୍ୟକର୍ମ ।

ଶାଯ୍ୟୋତ୍ଥାନ—ଉଷାବତୀ ପୂର୍ବଦିଗ ଅରୁଣବର୍ଣ୍ଣ ହେବା ପୂର୍ବରୁ ଅର୍ଥାତ୍ ଅଳ୍ପ ପ୍ରତ୍ୟୁଷରୁ ଶଯ୍ୟା ତ୍ୟାଗକରେ । ଯେତେବେଳେ ଆକାଶ ପରିଷ୍କାର ଥାଏ, ପୁଷ୍ପମାନେ ସୌରଭ ବିତରଣ କରନ୍ତି, ପକ୍ଷୀମାନେ ଧୀରେ ମଧୁର ସ୍ୱରରେ ଗାନ କରନ୍ତି, ଶୀତଳ ପବନ ମନ୍ଦ ବହୁଥାଏ, ଭ୍ରମରମାନେ ଗୁଣୁ ଶବ୍ଦକରି ଗୋଟିଏ ପୁଷ୍ପରୁ ଉଡ଼ିଯାଇ ଅନ୍ୟ ଗୋଟିଏ ପୁଷ୍ପରେ ବସନ୍ତି, ଗାଭୀମାନେ ବତ୍ସାକୁ ସ୍ତନ୍ୟପାନ କରାଇବାକୁ ହମ୍ବାରବ କରନ୍ତି, କୃଷକମାନେ ଆନନ୍ଦରେ ଗାନକରି ନିଜ କାର୍ଯ୍ୟ କ୍ଷେତ୍ରକୁ ଗମନ କରନ୍ତି, ଏହି ସମୟରେ ଉଷାବତୀ ଆଳସ୍ୟରେ ଶୋଇଥିବାର କେହି ଦେଖି ନାହାନ୍ତି । ଦିନେ ଉଷାବତୀ ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ ଶୋଇପଡ଼ି ଥିବାରୁ ଦୁଃଖିତ ହୋଇ ତାହାର ମା'କୁ କହିଲା "ମା'! ମୁଁ ଅତି ଅଧିକ ବେଳଯାଏ ଶୋଇ ପଡ଼ିବାରୁ ମୋତେ ବଡ଼ ଆଳସ୍ୟ ବୋଧ ହେଉଛି, କୌଣସି କାର୍ଯ୍ୟ କରିବାକୁ ମନ ବଳୁନାହିଁ ପ୍ରାତଃକାଳରୁ ଶଯ୍ୟା ତ୍ୟାଗକରି ଚତୁର୍ଦ୍ଦିଗକୁ ନିରୀକ୍ଷଣ କଲେ ଯେପରି ମନ ଆନନ୍ଦରେ ପୂର୍ଣ୍ଣହୁଏ ଆଜି ସେପରି ହେଉନାହିଁ । କେଜାଣି, କାଲି ଏହିପରି ଶୋଇ ପଡ଼ିବ, ମୋତେ ଅତି ସକାଳରୁ ଉଠାଇ ଦେବୁ" । ଉଷାବତୀ ପ୍ରାତଃକାଳରୁ ଉଠୁଥିବାରୁ ତାହାକୁ କାର୍ଯ୍ୟ କରିବାକୁ ଅନେକ ସମୟ ମିଳେ, ଏବଂ ପ୍ରାତଃକାଳୀନ ନିର୍ମଳ ପବନ ସେବନ କରୁଥିବାରୁ ତାହାର ଶରୀର ସୁସ୍ଥ ଓ ସବଳ ଅଟେ ।

GPNanda Colln., Digitized by srujanika@gmail.com

ଈଶ୍ୱରନାମ—ହରିପ୍ରିୟା ଶଯ୍ୟା ତ୍ୟାଗକରି ଈଶ୍ୱରଙ୍କୁ ପ୍ରାର୍ଥନା କରେ, "ହେ ଈଶ୍ୱର ! ତୁମ୍ଭେ ଏହି ସଂସାର ସୃଷ୍ଟି-କରି ଅମ୍ଭମାନଙ୍କୁ ସମସ୍ତ ପ୍ରାଣୀ ଉପରେ ଶ୍ରେଷ୍ଠ କରିଅଛ । ଅମ୍ଭମାନଙ୍କର କ୍ଷୁଧା ନିବାରଣ ପାଇଁ ନାନାପ୍ରକାର ଫଳ, ମୂଳ ଓ ଶସ୍ୟ ଦେଇଅଛ, ଶୀତ ଓ ଗ୍ରୀଷ୍ମରୁ ରକ୍ଷା ପାଇବା ପାଇଁ ବସ୍ତ୍ର ଦେଇଅଛ, ଘ୍ରାଣେନ୍ଦ୍ରିୟ ଓ ମନକୁ ତୃପ୍ତି କରିବାକୁ ସୁଗନ୍ଧ ପୁଷ୍ପ ଦେଇଅଛ । ଅମ୍ଭମାନଙ୍କର ସୁଖବୃଦ୍ଧି ପାଇଁ ନାନା-ପ୍ରକାର ଆବଶ୍ୟକୀୟ ଦ୍ରବ୍ୟ ଦେଇଅଛ ଏବଂ ଏତେବେଳ ଯାଏ ଅମ୍ଭମାନଙ୍କୁ ଜୀବିତାବସ୍ଥାରେ ରଖିଅଛ । ତବ କୃପାରେ ଅଦ୍ୟ ଦିବସଟି ପିତା, ମାତା, ଭ୍ରାତା ଭଗ୍ନୀ ପ୍ରଭୃତିଙ୍କର ଏବଂ ମୋର ସର୍ବଶୁଭରେ ନିର୍ବାହିତ ହେଉ" ।

ପ୍ରାତଃକୃତ୍ୟ—ଦନ୍ତମୂଳ ମଳିନ ହେଲେ ତାହା ଏକପ୍ରକାର ନଷ୍ଟ ଦ୍ରାବର୍ଣ୍ଣ ହୋଇ ଅସୁନ୍ଦର ଦେଖାଯାଏ ଓ ମୁଖରୁ ଦୁର୍ଗନ୍ଧ ନିର୍ଗତ ହୁଏ, ଅଳ୍ପ ବୟସରେ ଦନ୍ତରୋଗ ହୋଇ ଝଡ଼ିପଡ଼େ । ଏହି ହେତୁରୁ ପଦ୍ମାବତୀ ପ୍ରାତଃକାଳରେ ଉତ୍ତମ ରୂପେ ଦନ୍ତଧାବନ କରେ । ଏ ଦେଶର ଅନେକ ନରନାରୀ ପ୍ରାୟ ମଧ୍ୟାହ୍ନ ସମୟରେ ସ୍ନାନ କଲାବେଳେ ଦନ୍ତଧାବନ କରନ୍ତି, କିନ୍ତୁ ଏପରି ଅର୍ଦ୍ଧଦିବସ ମୁଖକୁ ଅପରିଷ୍କାର ରଖିବା ଉଚିତ ନୁହେଁ । ପଦ୍ମାବତୀ ପ୍ରାତଃକାଳରୁ ମଳ ତ୍ୟାଗକରେ, ଏହେତୁରୁ ତାହାର ଶରୀରରେ ପରିଷ୍କାର ରକ୍ତ ସଞ୍ଚାଳିତ ହୋଇ ଶରୀର ଓ ମନ ସୁସ୍ଥ ଥାଏ । ରକ୍ତ ମାନବର ଜୀବନ ସମାନ । ପେଟ-ଭିତରେ ମଳଥିଲେ ରକ୍ତ ଅପରିଷ୍କାର ହୋଇ ଶିରବ୍ୟଥା, ଉଦରପୀଡ଼ା, ଖସୁ, ଦାଦ୍ରୁ, ଭୁଣ୍ଡଘା, ଜ୍ୱର ପ୍ରଭୃତି ନାନା-ବିଧ ରୋଗ ଜାତହୁଏ । ପଦ୍ମାବତୀ କର୍ଣ୍ଣ ଓ ନାସିକା ମଧ୍ୟରେ

GPNanda Colln., Digitized by srujanika@gmail.com

ମଧ୍ୟ ଠିକେ ମଳ ଲାଗେ ନାହିଁ । ଯେ ହସ୍ତ ଓ ପଦ ପରିଷ୍କାର ରଖିଥାଏ ବୋଲି ଶୀତ ଦିନରେ ତାହାର ହାତ ପାଦ ଫାଟେ ନାହିଁ ।

ବିଦ୍ୟାପଠନ — ବିଦ୍ୟା ପଠନର ଅବଶ୍ୟକତା ସମ୍ବନ୍ଧେ ପୂର୍ବ ଅଧ୍ୟାୟରେ ବିସ୍ତୃତ ରୂପେ ବର୍ଣ୍ଣିତ ହୋଇଅଛି । ପ୍ରାତଃକାଳ ବିଦ୍ୟା ପଠନର ଉତ୍ତମ ସମୟ । ଏହି ସମୟରେ ମନ ସ୍ଥିରଥାଏ । ମନ ଦେଇ ପଢ଼ିଲେ ଶୀଘ୍ର ସ୍ମରଣ ହେବ ।

ରନ୍ଧନ ଶିକ୍ଷା — ବାଳିକା ମାନଙ୍କର ରନ୍ଧନ ଗୋଟିଏ ପ୍ରଧାନ କାର୍ଯ୍ୟ । ଅନ୍ନପୂର୍ଣ୍ଣା ପଠନ ଶେଷରେ ରନ୍ଧନ କରିବାକୁ ଯାଏ କାରଣ ଖାଦ୍ୟ ଅମ୍ଭମାନଙ୍କର ଜୀବନ ରକ୍ଷାର ପ୍ରଧାନ ସମ୍ବଳ । ଅନ୍ନପୂର୍ଣ୍ଣା ଉତ୍ତମରୂପେ ପାକବିଧି ଜାଣିଥିବାରୁ ସମସ୍ତଙ୍କୁ ସନ୍ତୋଷ ଜନକ ଭୋଜନ କରାଇବାକୁ ସକ୍ଷମା ହୁଏ । ସେ ପ୍ରତିଦିନ ଏକପ୍ରକାର ଖାଦ୍ୟ ପ୍ରସ୍ତୁତ ନ କରି ମଧ୍ୟେ ମଧ୍ୟେ ପରିବର୍ତ୍ତନ କରେ । ସୁସ୍ଥ ଓ ରୋଗୀ ବ୍ୟକ୍ତି ପ୍ରତି କିପରି ଖାଦ୍ୟ ଦିଆଯାଏ, କେଉଁ ଦ୍ରବ୍ୟର କିପରି ଗୁଣ, କେଉଁ ଦ୍ରବ୍ୟ କିପରି ପାକ କଲେ ସୁସ୍ୱାଦ ହୁଏ, ଏହି ସମସ୍ତ ବିଷୟରେ ତାହାର ଉତ୍ତମ ଜ୍ଞାନ ଅଛି । ଖାଦ୍ୟ ଯେପରି ପରିଷ୍କାର ଓ ସୁପକ୍ୱ ହୁଏ ତତ୍ପ୍ରତି ସେ ଦୃଷ୍ଟି ଦିଏ । ଅଳ୍ପ ଘିଅ ଓ ମସଲାରେ ସେ ସୁସ୍ୱାଦ ତରକାରି ରନ୍ଧନ କରି ଜାଣେ ବୋଲି ତାହାକୁ ସମସ୍ତେ ପ୍ରଶଂସା କରନ୍ତି । ସେ ଏ ଦେଶରେ ପ୍ରଚଳିତ ଭାତ, ପେଚଡ଼ି, ମୋହନଭୋଗ, ପିଠା, ତରକାରି, ସାଗ ସବୁଜ ଭଜା ପ୍ରଭୃତି ନାନାବିଧ ଖାଦ୍ୟ ଆପଣାର ମାତା, ଭଗ୍ନି ଓ ବଧୂ ମାନଙ୍କଠାରୁ ଶିକ୍ଷାକରି ସ୍ୱହସ୍ତରେ ପାକ କରେ ।

GPNanda Colln., Digitized by srujanika@gmail.com

ସ୍ନାନ — ବିଧାମଣି ପରିଶ୍ରମ କରାରୁ ହଠାତ୍ ସ୍ନାନ କରେନାହିଁ । ସ୍ନାନ ସମୟରେ ଶରୀରରେ ସାବଧାନତା ସହିତ ବସ୍ତ୍ର ରଖି ସ୍ନାନ କରେ । ମାତ୍ର ପୁରୁଷ ଘାଟକୁ ଲଙ୍ଘି ପରି ଯାଏନାହିଁ । ସେ ଶରୀରର ଅବସ୍ଥା ଦେଖି ପ୍ରତିଦିନ ନିୟମିତ ସମୟରେ ନିର୍ମଳ ଜଳରେ ସ୍ନାନ କରେ । ପ୍ରଥମରେ ମସ୍ତକ ଆର୍ଦ୍ର କରେ ; କାରଣ ବିନା ଶରୀରରେ ଜଳ ଲଗିଲେ ଶରୀରର ଉତ୍ତାପ ମସ୍ତକକୁ ଉଠି ଶିରବ୍ୟଥାରୋଗ ଜାତ କରେ । ସ୍ନାନ ସମୟରେ ଉତ୍ତମରୂପେ ଗାମୁଛାରେ ଘଷି ହୁଏ । ଅଧିକକ୍ଷଣ ଜଳରେ ରହେନାହିଁ କିମ୍ବା ଗଭୀର ଜଳକୁ ଯାଏନାହିଁ । ବିଧାମଣି ଥରେ ଅପରିଷ୍କୃତ ଜଳରେ ସ୍ନାନ କରିଥିବାରୁ ତାହାର ଆଖି ଧରିଥିଲା ଓ ଦେହରେ ଖସୁ ଉଠି ଯାଇଥିଲା ତେଣୁ ସେ ଆଉ କେବେ ଅପରିଷ୍କାର ଜଳରେ ସ୍ନାନ କରେ ନାହିଁ । ସେ ସ୍ନାନ ଶେଷରେ ଶୀଘ୍ର ଶୁଷ୍କ ବସ୍ତ୍ର ପରିଧାନ କରେ । କେଶକୁ ଅଧିକକ୍ଷଣ ଆର୍ଦ୍ର ରଖେନାହିଁ ।

ଭୋଜନ — କୁସୁମକୁମାରୀ ଜଣେ ବୈଦ୍ୟର ଦୁହିତା । ସେ ଭୋଜନ ବିଷୟରେ ବଡ଼ ସତର୍କତା ଅବଲମ୍ବନ କରେ । ସ୍ନାନ କରି ଅଧିକକ୍ଷଣ ଅନାହାରରେ ରହେନାହିଁ, ଭୋଜନ ପୂର୍ବରୁ ମନକୁ ଆନନ୍ଦ ରଖେ । ଭୋଜନର ଅଳ୍ପକ୍ଷଣ ପୂର୍ବେ କିମ୍ବା ପରେ ପରିଶ୍ରମ କରେ ନାହିଁ । ସେ ନିୟମିତ ସମୟରେ ପରିଷ୍କାର ଓ ସୁପକ୍ୱ ଖାଦ୍ୟ ଭୋଜନ କରେ । ତାହାର ପିତା କହି ଅଛନ୍ତି, କ୍ଷୁଧା ନ ଥିଲେ ଖାଇବ ନାହିଁ, ଯଦି ଖାଇବ ଖୁବ୍ କମ କରି ଖାଇବ । ଅତି ଶୀଘ୍ର ନ ଖାଇ ଉତ୍ତମରୂପେ ଚର୍ବଣ କରି ଖାଇବ । ଅର୍ଦ୍ଧସିଦ୍ଧ, ବାସି, ପୋଡ଼ା,

GPNanda Colln., Digitized by srujanika@gmail.com

ଓ ଗୁରୁ ପାକ ଦ୍ରବ୍ୟ ଅଥବା କଞ୍ଚା ଫଳ ଖାଇଲେ ଶରୀର ଅସୁସ୍ଥ ହୁଏ । ମାଂସ ଓ ଦୁଗ୍ଧ ଏକ ସମୟରେ ଭୋଜନ କଲେ ପରିପାକ ହୁଏନାହିଁ । କୁସୁମ କୁମାରୀ ବାରମ୍ବାର ଭୋଜନ କରେନାହିଁ ଓ ରୁଚିବେଳେ ଅଧିକ ଅନ୍ନ ଖାଏନାହିଁ । ସେ କାହାର ଘରକୁ ନିମନ୍ତ୍ରିତ ହୋଇ ଖାଇବାକୁ ଗଲେ ପ୍ରଥମରେ ତିକ୍ତ ଦ୍ରବ୍ୟ, ପରେ ମାଂସ କିମ୍ବା ମାଛର ଝୋଳ, ତାପରେ ଅମ୍ଳ ଓ ସର୍ବଶେଷରେ ମିଷ୍ଟ ଦ୍ରବ୍ୟ ଭୋଜନ କରେ, ମାତ୍ର ଲୋଭକରି ଅତିରିକ୍ତ ଭୋଜନ କରେନାହିଁ । ସେ ଭୋଜନ ଶେଷରେ ପରିଷ୍କାର ଜଳ ପାନ କରେ । କୌଣସି କୁଟା, କାଠି, କିମ୍ବା ପୋକ ଉଦର ଭିତରକୁ ଯାଇ ପାରିବ ନାହିଁ ବୋଲି କୁସୁମ କୁମାରୀ ପାନୀୟ ଜଳ କପଡ଼ା ଛାଣିକରି ଗୋଟିଏ ମାଠିଆରେ ରଖି ତହିଁ ଉପରେ ଗଣ୍ଠେ କନା ବାନ୍ଧି ଦେଇଥାଏ ।

ବିଶ୍ରାମ — ଉପସ୍ଥିକା ଭୋଜନ ଶେଷରେ କୌଣସି କାର୍ଯ୍ୟ ନ କରି କଥୋପକଥନ, ସାର ଗଳ୍ପ, ଗାନ ଓ ସହଜ ବୋଧଗମ୍ୟ ପୁସ୍ତକ ପଠନ କରି କିଛି ସମୟ ଅତି-ବାହିତ କରେ କିନ୍ତୁ ଅନେକ ସମୟ ବୃଥା ନଷ୍ଟ କରେ ନାହିଁ, କାରଣ ଧନଗଲେ ପୁଣି ଧନ ଅସିପାରେ ମାତ୍ର ସମୟ ଗଲେ ସମସ୍ତ ପୃଥିବୀର ଧନ ବିନିମୟରେ ତାହା ଆଉ ଫେରି ଅସି ପାରିବ ନାହିଁ । କେତେ କେତେ ବେଳେ ତାହାର ସଖୀ ମାନଙ୍କୁ ଡାକି କଣ୍ଢେଇ ଖେଳେ । କଣ୍ଢେଇର ବର, କଣ୍ଢେଇର କନ୍ୟା, ଧୂଳିର ଭାତ, ଧୂଳିର ବ୍ୟଞ୍ଜନ ନେଇ ବିବାହ ଘର ହୁଏ । କେବେ କେବେ ଚକୁଳି ପିଠା ତିଆରି କରେ, କେହି କୁଣିଆଁ ଅଣ୍ଟୁ-ଝୁଲେ ନିଜପାଇଁ ନ ରଖି ସମସ୍ତ ପିଠା ତାହାକୁ ଖାଇବାକୁ

GPNanda Colln., Digitized by srujanika@gmail.com

ହୁଏ । ଉପସ୍ଥିତ ଦିବସରେ ଶୟନ କରେ ନାହିଁ । ଟିକିଏ ବିଶ୍ରାମ ନ କଲେ ମନ ବିମର୍ଷ ହୁଏ ଓ କୌଣସି କାର୍ଯ୍ୟ କରିବାକୁ ଉତ୍ସାହ ହୁଏନାହିଁ ।

ବିଶ୍ରାମ ପରେ ଉପସ୍ଥିତ ଗୃହକାର୍ଯ୍ୟ ଅଥବା ପଠନରେ ମନୋନିବେଶ କରେ । ଯାହା କରେ ଉତ୍ସାହ ସହକାରେ କରେ ବୋଲି କଠିନ କାର୍ଯ୍ୟରେ ସୁଦ୍ଧା ତାହାକୁ କ୍ଳେଶ ବୋଧ ହୁଏନାହିଁ ।

ନିର୍ମଳ ବାୟୁ ସେବନ — କନକଲତା ସୂର୍ଯ୍ୟାସ୍ତ ସମୟରେ କିଛି ସମୟ ନିର୍ମଳ ବାୟୁ ସେବନ କରେ, ପିତା ମାତାଙ୍କ ନିଷେଧ ସ୍ଥଳ ମାନଙ୍କୁ ଗମନ କରେନାହିଁ । ତାହାର ଗୁରୁ ଉପଦେଶ ଦେଇଅଛନ୍ତି "ଅବିଶୁଦ୍ଧ ବିଷାକ୍ତ ବାୟୁ ଅନିଷ୍ଟକର, ବିଶୁଦ୍ଧ ବାୟୁ ଔଷଧବତ୍ ସ୍ୱାସ୍ଥ୍ୟକର ।"

ଆତ୍ମଚିନ୍ତା — ଅହା ! ସୁଲକ୍ଷଣା ତ ବାଳିକା ମାନଙ୍କ ମଧ୍ୟରେ ଗୋଟିଏ ହୀରା । ସେ ଶୟନ ପୂର୍ବରୁ ସେହି ଦିବସ ଯେ ଯେ କାର୍ଯ୍ୟ କରିଅଛି ଆଲୋଚନା କରେ । କେତେଟି ଉତ୍ତମ କାର୍ଯ୍ୟ ଓ କେତେଟି ମନ୍ଦ କାର୍ଯ୍ୟ କରିଅଛି ଗୋଟିଏ କରି ସ୍ମରଣ କରେ । ମନ୍ଦ କାର୍ଯ୍ୟ ନିମନ୍ତେ ଅନୁତାପ କରି ସେପରି ଆଉ ନ କରିବାକୁ ସାବଧାନ ହୁଏ ଓ ସତ୍କାର୍ଯ୍ୟରେ ଈଶ୍ୱରଙ୍କୁ ଧନ୍ୟବାଦ ଦେଇ ଉତ୍ତରୋତ୍ତର ଉଦୟ କରିବାକୁ ଯତ୍ନ କରେ । ତାହାର ଯେଉଁସବୁ ଅପଗୁଣ ଥିଲା, ସେ ପ୍ରତିଦିନ ଅଳ୍ପ କରି ଦୂର କରି ପରିଶେଷରେ ସମ୍ପୂର୍ଣ୍ଣରୂପେ ଦୂର କରିଅଛି । ସୁଲକ୍ଷଣା ନିଜେ ନିଜର ଗୁରୁ ହୋଇ ନ ଥିଲେ କେବେହେଲେ ଭଲ ହୋଇ ପାରି ନ ଥାନ୍ତା ।

GPNanda Colln., Digitized by srujanika@gmail.com

ଶୟନ — ଇନ୍ଦୁମତୀ କିଛିକ୍ଷଣ ଈଶ୍ୱରଙ୍କୁ ସ୍ମରଣ କରି ଶୟନ କରେ, ରାତ୍ରି ନଅଟାରୁ ଅଧିକ ଜାଗ୍ରତ ହୁଏ-ନାହିଁ। ସେ କୋମଳ ଶଯ୍ୟା ନିମନ୍ତେ ଅଭିଳାଷ ନ କରି ଯେତେଦୂର ପାରେ ସାଧାରଣ ଶଯ୍ୟାରେ ଶୟନ କରେ। ଇନ୍ଦୁମତୀ ଶଯ୍ୟା ବସ୍ତ୍ର ସର୍ବଦା ପରିଷ୍କାର ରଖିଥାଏ, ଦିନେ ଦୁଇଦିନ ଛଡ଼ା ରୌଦ୍ରରେ ଶୁଖାଇ ଦେଉଥାଏ। ସେ ମସ୍ତକ କିଞ୍ଚିତ ଉଚ୍ଚରେ ରଖି ଶୟନ କରେ, ହାତ ଗୋଡ଼ କୁଞ୍ଚିତ ନ କରି ସରଳ ଭାବେ ରଖି ଶୟନ କରେ। ସେ ପୂର୍ବ କିମ୍ବା ଦକ୍ଷିଣ ଦିଗକୁ ମସ୍ତକ କରି ଶୟନ କରେ। ଜଗତରେ ବିଦ୍ୟୁ-ତର ଗତି ଅନୁସାରେ ଏହା ଶ୍ରେୟ। ତାହାର ଶୟନ ଗୃହ ଶୁଷ୍କ, ପରିଷ୍କାର ଓ ପ୍ରଶସ୍ତ ଅଟେ ଏବଂ ତହିଁ ମଧ୍ୟରେ ପରି-ଷ୍କାର ବାୟୁ ସଞ୍ଚାଳିତ ହେବାର ପଥ ଅଛି। କାନ୍ଥରେ ଦୁଇ ଏକଟି ଆଦର୍ଶ ରମଣୀର ଚିତ୍ର ଟଣା ଅଛି। ଇନ୍ଦୁମତୀ ଶୟନ ଗୃହ ପାର୍ଶ୍ୱରେ ଗୃହ ପାଳିତ ପଶୁ ପକ୍ଷୀ ରଖେନାହିଁ।

ଜଳ — ଜଳ ଆମ୍ଭମାନଙ୍କର ଜୀବନ ଧାରଣପକ୍ଷେ ନିତାନ୍ତ ଅବଶ୍ୟକ ଅଟେ। ଏହି ହେତୁରୁ ଜଳର ଅନ୍ୟ ନାମ "ଜୀବନ"। ଅପରିଷ୍କାର ଜଳ ବ୍ୟବହାର କଲେ ନାନାରୋଗ ଜାତହୁଏ ବୋଲି କମଳା ସମସ୍ତ ଜଳ ପାତ୍ରର ଭିତର ଓ ବାହାର ପରିଷ୍କାର ରଖି ପରିଷ୍କୃତ ଜଳ ବ୍ୟବହାର କରେ। କୂପ ନିକଟରେ କିମ୍ବା ପାଣି ଘାଟରେ କଂସା, ବାସନ ମାଜେ-ନାହିଁ ଓ ହଳଦୀ ପତ୍ର କିମ୍ବା ଦାନ୍ତ କାଠି ପକାଏ ନାହିଁ। କୂଅ ଦଉଡ଼ି କାଦୁଅରେ ପକାଇ ରଖେ ନାହିଁ। କମଳା ପାନୀୟ ଜଳ ଓ ଅନ୍ୟାନ୍ୟ ବିଷୟରେ ବ୍ୟବହୃତ ଜଳ ସ୍ୱତନ୍ତ୍ର କରି ରଖିଥାଏ। ସେ ଫିଟ୍କିରି ପକାଇ ଅପରିଷ୍କାର ଜଳକୁ ପରି-

GPNanda Colln., Digitized by srujanika@gmail.com

ଷ୍କାର କରେ । ତାହାର ଗୋଟିଏ ଜଳ ଶୋଧନ ଯନ୍ତ୍ର ଅଛି । ସେ ବଜାରରୁ ଚାରିଗୋଟି ମାଠିଆ କିଣି ଆଣି ତଳେ ଗୋଟିଏ ଖାଲି ମାଠିଆ ରଖି ଦେଲା, ତହିଁ ଉପରେ ଗୋଟିଏ ମାଠିଆରେ ଅର୍ଦ୍ଧେକ ବାଲି ପୂର୍ଣ୍ଣକରି ସେହି ମାଠିଆର ତଳେ ଗୋଟିଏ ଛିଦ୍ର କରି ରଖି ଦେଲା, ତହିଁ ଉପରେ ଆଉ ଗୋଟିଏ ମାଠିଆ ଅର୍ଦ୍ଧେକ କୋଇଲା ପୂର୍ଣ୍ଣ କରି ସେହିପରି ଗୋଟିଏ ଛିଦ୍ର କରି ରଖି ଦେଲା । ସର୍ବୋପରି ଗୋଟିଏ ସଛିଦ୍ର ଖାଲି ମାଠିଆ ରଖି ଦେଇଅଛି ଏବଂ ଏହି ଚାରିଟି ମାଠିଆ ତଳି ନ ପଡ଼ିବା ପାଇଁ ତିନିପାଖେ ତିନିଖଣ୍ଡ ବାଉଁଶ ଯୋଡ଼ି ଦେଇଅଛି । ଉପର ମାଠିଆରେ ଜଳ ଢାଳିଲେ ସେହିଜଳ କୋଇଲା ଓ ବାଲି ମାଠିଆର ମଧ୍ୟ ଦେଇ ତଳ ମାଠିଆରେ ରହେ । କେହି ପାନ କରିବାକୁ ଜଳ ମାଗିଲେ କମଳା ତତ୍‌କ୍ଷଣାତ୍ ସେହି ପରିଷ୍କାର ଜଳରୁ ଏକ ଗିଲାସ ଆଣିଦିଏ ।

ବସ୍ତ୍ର —ମୂଲ୍ୟବାନ ବସ୍ତ୍ର ପରିଧାନ କଲେ ମନରେ ଗର୍ବ ଜାତ ହୁଏ । ଅତଏବ ଉର୍ମ୍ମିଳା ମୂଲ୍ୟବାନ ବସ୍ତ୍ର କଦାପି ଅଭିଳାଷ କରେନାହିଁ । ତାହାର ଯେଉଁ ବସ୍ତ୍ର ଅଛି ତାହା ସର୍ବଦା ପରିଷ୍କାର ରଖିଥାଏ । ଆମ୍ଭମାନଙ୍କର ଶରୀରରୁ ଯେଉଁ ସ୍ୱେଦ ନିର୍ଗତ ହୁଏ, ଅପରିଷ୍କାର ବସ୍ତ୍ର ତାହା ଶୋଷଣ କରି ପାରେନାହିଁ, ପରିଷ୍କାର ବସ୍ତ୍ର ଶୀଘ୍ର ଶୋଷଣ କରିପାରେ, ମଳିନ ବସ୍ତ୍ରର ମଳ ସବୁ ସ୍ୱେଦ ସଙ୍ଗେ ଲୋମ କୂପ ବାଟେ ଶରୀର ଭିତରକୁ ଯାଇ ଅସ୍ୱାସ୍ଥ୍ୟ କରେ । ଅତଏବ ଉର୍ମ୍ମିଳା ପ୍ରାୟ ଏକ ସପ୍ତାହ ପରେ ଥରେ ବସ୍ତ୍ର ସବୁ ଧୋବା ଘରକୁ ପଠାଇ ଦିଏ ।

GPNanda Colln., Digitized by srujanika@gmail.com

ଗୃହ — ଉର୍ବଶୀର ମତ୍ରେ ବହୁଅଛୁ । ଗ୍ରନ୍ଥରେ ଲେଖାଅଛି :— " ଗୃହ ଆମ୍ଭମାନଙ୍କର ଶାନ୍ତି ଦାୟକ, କୌଣସି କାର୍ଯ୍ୟରୁ କ୍ଳାନ୍ତ ହୋଇ ଗୃହକୁ ଆସିଲ କ୍ଷଣି ସବୁ କଷ୍ଟ ଦୂର ହୋଇଯାଏ ; ଯେଉଁ ଗୃହ ହେତୁ ଆମ୍ଭେମାନେ ଦାରୁଣ ଗ୍ରୀଷ୍ମ, ଦୁର୍ଦ୍ଦିନ ବର୍ଷା, ଏବ ଅସହ୍ୟ ଶୀତ ରୁତୁରୁ ରକ୍ଷାପାଉଁ ; ଏବ ଯେଉଁ ଗୃହ ଆମ୍ଭମାନଙ୍କର ଅତି ପ୍ରିୟସ୍ଥାନ ତାହା ସର୍ବଦା ପରିଷ୍କାର ରଖିବା ଉଚିତ" । ଉର୍ବଶୀ ଗୃହ ସାମଗ୍ରୀ ସବୁ ଯଥା ସ୍ଥାନରେ ରଖୁଥିବାରୁ ଯେତେବେଳେ ଯାହା ଲୋଡ଼ା ହୁଏ ତାହା ତତ୍‌କ୍ଷଣାତ୍ ମିଳେ ଓ ଅଳ୍ପ ସମୟ ମଧ୍ୟରେ କାର୍ଯ୍ୟ ନିଷ୍ପନ୍ନ ହୁଏ । ନଚେତ୍ ବିଶୃଙ୍ଖଳା ହେତୁରେ କାର୍ଯ୍ୟ ବଢ଼ାଏ ଓ ଅନେକ ସମୟ ନଷ୍ଟକରେ, ଉର୍ବଶୀ ଏପରି ଶୃଙ୍ଖଳା ଓ ଯଥା ସ୍ଥାନରେ ଦ୍ରବ୍ୟ ରଖୁ ରଖେ ଯେ ଅନ୍ଧକାର ଗୃହରେ ମୁଦ୍ଧା ଅବଶ୍ୟକ ହେଲେ ତାହା ଶୀଘ୍ର ହାତରେ ପଡ଼େ । ସେ ଗୃହ ନିକଟରେ ଅବର୍ଜନା କିମ୍ବା ଗୋମୟ ପ୍ରଭୃତି ବାୟୁ ଅପରିଷ୍କାର ଜନକ ପଦାର୍ଥ ରଖେନାହିଁ ।

ସ୍ୱାସ୍ଥ୍ୟରକ୍ଷା — ସବୁଧନଠାରୁ ସ୍ୱାସ୍ଥ୍ୟଧନ ପ୍ରଧାନ ଅଟେ । ଶରୀର ସୁସ୍ଥ ନ ଥିଲେ ଖାଇବା, ପିଇବା, ପଢ଼ିବା, ଶୋଇବା କାହିଁରେ ଭଲ ଲାଗେ ନାହିଁ । ପ୍ରାଣ ଅସ୍ଥିର ହୋଉଥାଏ । ଅତଏବ ବସନ୍ତ କୁମାରୀ ସର୍ବଦା ଶରୀରକୁ ସୁସ୍ଥ ରଖିବାକୁ ଚେଷ୍ଟା କରେ — ସେ ପରିଷ୍କାର ବସ୍ତ୍ର, ଜଳ ଓ ବାୟୁ ବ୍ୟବହାର କରେ, ବିବେଚନା ପୂର୍ବକ ଭୋଜନ କରେ ଏବ ଉଦର ପରିଷ୍କାର ରଖେ । ଶୀତ ଓ ଗ୍ରୀଷ୍ମ ସମୟରେ ସାବଧାନ ଥାଏ, କାରଣ ପ୍ରାକୃତିକ ଭୌତିକ ବସ୍ତୁମାନଙ୍କ ସହିତ ଆମ୍ଭମାନଙ୍କ ଶରୀରର ଘନିଷ୍ଠ ସମ୍ବନ୍ଧ ଅଛି ।

GPNanda Colln., Digitized by srujanika@gmail.com

ଏହି ସବୁ ସହିତ ବସନ୍ତ କୁମାରୀ ତାହାର ଶରୀର ସାମଞ୍ଜସ୍ୟ ରଖି ଥିବାରୁ ସେ କେବେ ପୀଡ଼ିତା ହୁଏ ନାହିଁ ।

ପରିଶ୍ରମ—ଅଣୁଠାରୁ ପର୍ଯ୍ୟନ୍ତ ସମସ୍ତ ପ୍ରାଣୀ ଓ ପୃଥିବୀ, ସୂର୍ଯ୍ୟ ଗ୍ରହାଦି ସମସ୍ତେ ପ୍ରକୃତିଗତ କର୍ମ୍ମ ରତ । କର୍ମ୍ମହିଁ ଜୀବନ, କର୍ମ୍ମ ନାଶରେ ଜୀବନ ନାଶ । ପରିଶ୍ରମ ଶ୍ରେଷ୍ଠ ମଣି ।

ମତ୍ ସଂକଳିତ 'ପରିଶ୍ରମ' * ନାମକ ପୁସ୍ତକରେ ଏହା ବିସ୍ତୃତ ଭାବେ ଆଲୋଚନା କରା ଯାଇଅଛି । ପାଶ୍ଚାତ୍ୟ ଜଗତର ସର୍ବଶ୍ରେଷ୍ଠ ବୀର, ମହାତ୍ମା ଜ୍ଞାନୀମାନଙ୍କର ଅମୂଲ୍ୟ ମତ ସକଳ ସନ୍ନିବେଶିତ ହୋଇଅଛି । ଉକ୍ତ ପୁସ୍ତକ ପାଠ-କଲେ ବିଶେଷ ଭାବେ ଉପକୃତ ହୋଇ ପାରିବ, ଏହା ଦୃଢ଼ନେହରେ କହୁଅଛି ।

---

୩ ୟ ଅଧ୍ୟାୟ ।

ନୈତିକ ଉନ୍ନତି ।

ସତ୍ୟବଚନ—ସାବିତ୍ରୀ ଯାହା କହେ ସତ୍ୟ କହେ । ସୁତରାଂ ତାହାର ସର୍ବତ୍ର ପ୍ରଶଂସା ହୁଏ । ଯେ ସତ୍ୟ କହେ ସେ କଦାଚ ମନ୍ଦକାର୍ଯ୍ୟ କରେ ନାହିଁ । ଇତିହାସ ପୁସ୍ତକରେ ବଉଳା ଗାଈର କଥା ଶୁଣିଥିବ । ସେ ପଶୁ ହେଲେହେଁ ସତ୍ୟ ରଖିଥିବାରୁ ତାହାର କିଛି ଅନିଷ୍ଟ ହେଲା ନାହିଁ ।

---

* ପରିଶ୍ରମ ପୁସ୍ତକ ଡିମାଇଁ ବାରପେଜି ୧୬ ପୃଷ୍ଠା, ମୂଲ୍ୟ ଏକଅଣା ମାତ୍ର । କଟକ ଓ୍ଵାନ୍ଦା ବୁକ୍‌ସେଲିଂ କୋଃ ଲିମିଟେଡ୍‌ ଓ ଗ୍ରନ୍ଥକାରଙ୍କ ନିକଟରେ ମିଳେ ।

GPNanda Colln., Digitized by srujanika@gmail.com

ନୀତିବଚନ —— "ସତ୍ୟର ଜୟ ଓ ଅସତ୍ୟର ପରାଜୟ" । କୌଣସି ସମୟରେ ସତ୍ୟବାନ ଲୋକ ବିପଦରେ ପଡେ । ତାଙ୍କୁ ଅଘାତ କଲେ ଯେପରି ଭଲ ମନ୍ଦ ଜଣାଯାଏ, ସେପରି ବିପଦ ଦ୍ୱାରା ଲୋକ ମାନଙ୍କର ପରୀକ୍ଷା ହୁଏ । ଯେ ବିପଦ ବେଳେ ସତ୍ୟରେ ରହେ ସେ ପ୍ରକୃତ ସାଧୁ । ସାହସୀ କଦାଚ ମିଥ୍ୟା କହେ ନାହିଁ । କାରଣ ଥରେ ମିଥ୍ୟାବାଦୀ ହେଲେ ଆଜୀବନ ସେ ନିନ୍ଦା ଯାଏନାହିଁ । ମିଥ୍ୟାବାଦୀ ଗୋଟିଏ ମିଥ୍ୟା କଥାକୁ ଗୁପ୍ତ ରଖିବା ପାଇଁ ଅନ୍ୟରି ଦଶଗୋଟି ମିଥ୍ୟା କହିବାକୁ ବାଧ୍ୟହୁଏ । ଲୋକେ କହନ୍ତି 'ପାଦ ଖସିଲେ ଜଣେ ମରେ, ଜିହ୍ୱା ଖସିଲେ ଶହେ ଜଣ ମରନ୍ତି' । ଅତଏବ ସାହସୀ ମିଥ୍ୟା ବଚନ ନ କହି ସର୍ବଦା ସତ୍ୟ ବଚନ କହିବ ।

ପରନିନ୍ଦା — ପରର ନିନ୍ଦାକଲେ କୌଣସି ଲାଭ ହୁଏନାହିଁ । "ପର ନିନ୍ଦାରେ ପ୍ରବୃତ୍ତ ହେଲେ ଭଲ ବିଷୟ ଆଲୋଚନା କରିବାକୁ ସମୟ ମିଳେନାହିଁ, ଅମୂଲ୍ୟ ସମୟ ବୃଥାରେ ନଷ୍ଟ ହୁଏ, ସମସ୍ତଙ୍କ ଠାରୁ ସ୍ନେହ ଲାଭରୁ ବଞ୍ଚିତ ହେବାକୁ ହୁଏ, ପରନିନ୍ଦୁକ ବୋଲି ଦୁର୍ନାମ ହୁଏ, ପରିଶେଷରେ ଅନିଷ୍ଟକର ପରସ୍ପର ବିବାଦ ଉପସ୍ଥିତ ହୁଏ" । ପରନିନ୍ଦୁକ ମାଛି ବ୍ରଣ ଖୋଜି ବୁଲିଲାପରି ପରଛିଦ୍ର ଅନ୍ୱେଷଣ କରୁଥାଏ, ମାତ୍ର ସାଧୁ ଲୋକ ମଧୁ ମକ୍ଷିକା ମଧୁ ସଞ୍ଚୟ କଲାପରି ସଦ୍‌ଗୁଣ ସବୁ ଗ୍ରହଣ କରେ । ସଭ୍ୟମାନେ ପରର ନିନ୍ଦା ନକରି ନିଜର କି ଦୋଷ ଅଛି ବିଚାର କରେ । ଯେପରି ଚାଲୁଣୀର ଅନେକ ଛିଦ୍ର ଅଛି ତଥାପି ସେ ଛୁଞ୍ଚିକୁ କହେ

GPNanda Colln., Digitized by srujanika@gmail.com

"ସୂଚୀରେ ତୋର ଅଛି କଣାଟିଏ" । ସେପରି ତୁମ୍ଭମାନଙ୍କର ଅନେକ ମନ୍ଦଗୁଣ ଥିବାସତ୍ତ୍ୱେ ଅନ୍ୟର ନିନ୍ଦା କରିବାକୁ କିପରି ସାହସିକା ହେବ ? କଥାରେ କହନ୍ତି 'ପରର ମହତ୍ତ୍ୱ ରଖିଲେ ଆପଣାର ମହତ୍ତ୍ୱ ରହେ' ।

କୁପ୍ରଥା ପରିତ୍ୟାଗ — ଏ ଦେଶରେ କେତେ ଗୁଡ଼ାଏ କୁପ୍ରଥା ଅଛି । ସେ ସବୁ ଶାରୀରିକ ଓ ମାନସିକ ଅନିଷ୍ଟକାରୀ । ଏ ଦେଶରେ କେତେକ ଗ୍ରାମରେ ବାଳିକାମାନେ ପୌଷ ରବିବାରବ୍ରତ କରନ୍ତି, ଶନିବାର ଦିନ ସନ୍ଧ୍ୟାରେ ବାଳିକାମାନେ ଏକତ୍ରିତ ହୋଇ ଅଶ୍ଳୀଳ ଗାନଗାଇ ବାଦ ପ୍ରତିବାଦ କରନ୍ତି ଓ ଅର୍ଦ୍ଧରାତ୍ର କାଳେ ଅଶ୍ଳୀଳ ଗୀତ ଗାଇ ପଥ ପରିଷ୍କାର କରନ୍ତି । ରବିବାର ଦିବା ଦ୍ୱିପ୍ରହର ବେଳେ ସୂର୍ଯ୍ୟ ଅଡ଼କୁ ଏକ ଦୃଷ୍ଟିରେ ନିରୀକ୍ଷଣ କରନ୍ତି, ଯଦ୍ଦ୍ୱାରା ମସ୍ତକ ଘୂର୍ଣ୍ଣିତ ହୁଏ । ଏହି ବ୍ରତର ଉଦ୍ଦେଶ୍ୟ ଉତ୍ତମ ଥିଲେ ସୁଦ୍ଧା କୁଫଳ ପ୍ରତ୍ୟକ୍ଷ ଦେଖା ଯାଉଅଛି । ସେମାନେ ରାତ୍ରି ଜାଗରଣ ହେତୁ ଶରୀରକୁ ଅସୁସ୍ଥ କରନ୍ତି ଏବଂ ଅଶ୍ଳୀଳ ଗାନ କରି ଲଜ୍ଜାର ମସ୍ତକରେ ପଦ ନିକ୍ଷେପ କରନ୍ତି । ଏହିପରି "ତାଲଗାଇ" ଉତ୍ସବ ଅତ୍ୟନ୍ତ ଗର୍ହିତ ।

କେତେକ ବାଳିକା ଭଗ୍ନୀପତି, ସଙ୍ଗାତ ପ୍ରଭୃତି ସଙ୍ଗରେ ଦାନା ବାଧାରେ ପରିହାସ କରିବାକୁ ଯାଇ ଢଗ ଢଖଣା ପ୍ରଭୃତି ଅଶ୍ଳୀଳ କଥୋପକଥନ କରନ୍ତି ।

ଆଶ୍ୱିନ ମାସରେ ରାତ୍ରି ସମୟରେ ଅନେକ ବାଳିକା 'ଝନ୍ନୁ ବୁଇଲ' ଦେଖିବାକୁ ଯାଇ ଅନେକ ମନ୍ଦ ଅଭ୍ୟାସ ଦେଖନ୍ତି ।

ଫାଲ୍‌ଗୁନ୍ୟ ମାସର ଦୋଳଖେଳ କିମ୍ବା ଆଷାଢ଼ ମାସର

GPNanda Colln., Digitized by srujanika@gmail.com

ରଥଟଣା ବେଳେ ଅଶ୍ଳୀଳ ଗାନ ଶୁଣିବାକୁ ଅନେକ ବାଳକ ଉତ୍ସୁକ ହୁଅନ୍ତି । ଧର୍ମ କାର୍ଯ୍ୟ ହେଲେ ସୁଦ୍ଧା ଏପରି ଗାନ ଶୁଣିଲେ ଅପକାର ବ୍ୟତୀତ ଉପକାର ହେବନାହିଁ । ଏହା ବ୍ୟତୀତ ପାଠ ପ୍ରବୃତ୍ତ ହେଉଥିବା ଅଶ୍ଳୀଳ ଅଭିନୟ ଯେ ଜଘନ୍ୟ ପରିଚଯ୍ୟ ଏହା କେହି ଅସ୍ୱୀକାର କରିବେ ନାହିଁ ।

ବଡ଼ ଆନନ୍ଦର ବିଷୟ ଯେ ଅମ୍ଭମାନଙ୍କର ହେମଲତା କୌଣସି ଅଶ୍ଳୀଳ ସମ୍ପର୍କୀୟ ସ୍ଥଳକୁ ପଦକ୍ଷେପ କରେନାହିଁ ।

ମିଷ୍ଟ ବଚନ— ଅମୃତ କୁମାରୀ କାହାକୁ ହୃଦୟସ୍ପର୍ଶୀ କର୍କଶ ବାକ୍ୟ କହେନାହିଁ । କଟୁ ବାକ୍ୟରେ ଲୋକମାନେ ସ୍ୱଗାନ୍ୱିତ ହୁଅନ୍ତି, କଥାରେ କେହି ରୁଣୀ ହୁଏ ନାହିଁ । ମିଷ୍ଟ ବଚନରେ ସମସ୍ତେ ବଶୀଭୂତ ହୁଅନ୍ତି । ଅମୃତ କୁମାରୀ ମଧୁର କଥା କହେ ସତ୍ୟ ମାତ୍ର କାହାରି ଅଯଥା ପ୍ରଶଂସା କରେ ନାହିଁ । ସେ ଯେତେବେଳେ ଯାହା କହେ ମଧ୍ୟମ ସ୍ୱରରେ କହେ, ଗୁଣ୍ ଗୁଣ୍ କରି କିମ୍ବା ଚିତ୍କାର କରି କହେନାହିଁ । ସେ କୌଣସି କଥା ପୁନଃ ପୁନଃ କରି କିମ୍ବା ଲମ୍ବା ଚୌଡ଼ା କରି କହେନାହିଁ । 'ନୂଆଁଇ ଜାଣିଲେ ମଥା ସୁନ୍ଦର, କହି ଜାଣିଲେ କଥା ସୁନ୍ଦର,' ସେ କାହାକୁ 'ତୁ' ବୋଲି ନ କହି 'ତୁମ୍ଭେ' କିମ୍ବା 'ଆପଣ ବୋଲି କହେ ॥

ଗମନ— ରେବତୀ ବାଳକ ମାନଙ୍କ ପରି ଦ୍ରୁତବେଗରେ ଚାଲେ ନାହିଁ । ସର୍ବାଙ୍ଗ ବସ୍ତ୍ରାଚ୍ଛାଦିତ କରି ମସ୍ତକ ନମ୍ର କରି ଧୀରେ ଧୀରେ ପଦକ୍ଷେପ କରେ । ସେ ଚାଲିବା ବେଳେ ଚତୁର୍ଦ୍ଦିଗକୁ କିମ୍ବା ଊର୍ଦ୍ଧ୍ୱକୁ ଚାହେଁନାହିଁ । ରେବତୀର ଚାଲିରେ କେହି ଦୋଷ ଦେଇ ପାରିବେ ନାହିଁ, କାରଣ ସେ

GPNanda Colln., Digitized by srujanika@gmail.com

ଗର୍ବିତ ଭାବରେ କି ଅଙ୍ଗଭଙ୍ଗି କରି କିମ୍ବା ହସ୍ତ-ନେତ୍ର ଚାଳନା କରି ଅଥବା ପଦ ନିକ୍ଷେପ ବେଳେ ଭୂମି ତଳରେ ଘଷି କରି ଚାଲେନାହିଁ । ତାହାର ଚାଲିରୁ ଶାନ୍ତ, ନମ୍ର, ଲଜ୍ଜାଶୀଳତା ପ୍ରଭୃତି ସୁଲକ୍ଷଣ ସବୁ ଜଣାପଡ଼େ । ସେଦିନ ରେବତୀ ଘରକୁ ଚାଲୁବାଲା ବୁଲି ଅଧିକ ବେଳେ ପାଦକୁ ଘୁଷୁରାଇ ଅସୁଥିବାରୁ ଗୋଟିଏ କଣ୍ଟା ମାଡ଼ି କଚଡ଼ାଏ ପଡ଼ିଥିଲା ।

ଉପବେଶନ— ଶାନ୍ତ କୁମାରୀ ନିଜର ଶରୀର ଓ ପରିଧେୟ ବସ୍ତ୍ର ପ୍ରତି ଠିକ୍ ଦୃଷ୍ଟି ଦେଇ ଉପବେଶନ କରେ । ଧୂଳି କିମ୍ବା କର୍ଦ୍ଦମାକ୍ତ ସ୍ଥାନରେ ନ ବସି କୌଣସି ପରିଷ୍କାର ଆସନ ଉପରେ ବସେ । କେହି ମାନ୍ୟଲୋକ ଉପସ୍ଥିତ ହେଲେ ଶାନ୍ତ କୁମାରୀ ତାହାଙ୍କୁ ଯଥୋଚିତ ମାନ୍ୟକରି ଉଚ୍ଚାସନରେ ବସାଇ ନିଜେ ସାମାନ୍ୟ ଆସନରେ ବସେ । ସେ ତାଙ୍କ ଆଡ଼କୁ ପାଦ ଲମ୍ବାଏ ନାହିଁ, ଗୋଡ ହଲାଏ ନାହିଁ କିମ୍ବା ଅଙ୍ଗପ୍ରତ୍ୟଙ୍ଗ କୁଣ୍ଡାଇ ହୁଏନାହିଁ, ଅଥବା ଚକ୍ଷୁ, କର୍ଣ୍ଣ, ନାସିକା ଓ ମୁଖ ମଧ୍ୟରେ ବାରମ୍ବାର ଅଙ୍ଗୁଳି ପ୍ରବେଶ କରାଏ ନାହିଁ, ଅଙ୍ଗୁଳି ଫୁଟାଏ ନାହିଁ ଅଥବା 'ଖଁ' କରି 'ଥୁ ଥୁ' ନିକ୍ଷେପ କରେନାହିଁ । ମାନ୍ୟ ବ୍ୟକ୍ତି ପ୍ରସ୍ଥାନ କରିବା ବେଳେ ତାଙ୍କର ପଶ୍ଚାତ୍‌ରୁ ଅଠ ଦଶହାତ ନେଇ ଛାଡ଼େ । କୌଣସି ସମବୟସ୍କା ବାଳିକା ଆସିଲେ ତାହାକୁ ଆଦର କରି ଏକାସନରେ ଉପବେଶନ କରାଏ ।

କୃତଜ୍ଞତା ସ୍ୱୀକାର— ରୁକ୍ମଣୀ ଦିନେ ତାହାର ପିତା ସଙ୍ଗେ ଭ୍ରମଣ କରିବାକୁ ଯାଉଥିଲା, ରାସ୍ତାରେ ଦେଖିଲା ଯେ, ଜଣେ ଇଂରେଜ ଗୋଟିଏ ବାଳିକାର ହାତରୁ କିଛି ଦ୍ରବ୍ୟ

GPNanda Colln., Digitized by srujanika@gmail.com

ବହାଇ ଦେବାରୁ ସେ ତାହା ଗ୍ରହଣ କରି ତତ୍କ୍ଷଣାତ୍ ଉକ୍ତ ଲୋକକୁ ଧନ୍ୟବାଦ ଦେଲା । ସେହି ଦିନଠାରୁ ରୁକ୍ମିଣୀକୁ ଯଦି କେହି କିଛି ଦିଅନ୍ତି କିମ୍ବା ତାହାର କିଛି ଉପକାର କରନ୍ତି ତେବେ ସେ ତାଙ୍କପ୍ରତି କୃତଜ୍ଞତାର ଲକ୍ଷଣ ଦେଖାଇ ପ୍ରଣାମ କରେ । ସେହି ହେତୁରୁ ସମସ୍ତେ ତାକୁ ଅଧିକ ସ୍ନେହ କରନ୍ତି, ସେ ଯାହାଠାରୁ ଯେଉଁ ଉପକାର ପାଇଥାଏ ତାହା କଦାଚ ପାସୋର ଦିଏନାହିଁ । ଅଧିକନ୍ତୁ ତହିଁର ପ୍ରତ୍ୟୁପକାର କରିବାକୁ ଯଥାଶକ୍ତି ଯତ୍ନକରେ ।

ବିନୟ — ସରଳାକୁ ତାହାର ପିଉସୀ ଗଣ୍ଡେ ନୂତନ ବହି ଦେଇଥିଲେ, ତହିଁରେ ଲେଖାଅଛି, ତୁମ୍ଭମାନଙ୍କର ଶରୀରରେ ଯେତେ ଅଲଙ୍କାର ଅଛି, ବିନୟ ତହିଁର ସହସ୍ର ଗୁଣରେ ଶ୍ରେଷ୍ଠ । ସର୍ପର ମସ୍ତକରେ ମଣିଥିଲେ କି ହେଲା ଦୁଷ୍ଟ ବୋଲି ସମସ୍ତେ ତାକୁ ଭୟ କରନ୍ତି, ସେପରି ତୁମ୍ଭେମାନେ ଦୁଷ୍ଟ ହେଲେ, କେହି ତୁମ୍ଭମାନଙ୍କୁ ଭଲ ପାଇବେ ନାହିଁ । ତୁମ୍ଭେମାନେ ଅନେକ ଅଲଙ୍କାରରେ ଭୂଷିତା ହୋଇଥିଲେ ସୁଦ୍ଧା ବିନୟ ନ ଥିଲେ ତୁମ୍ଭମାନଙ୍କୁ କେହି ପ୍ରଶଂସା କରିବେ ନାହିଁ । ବିନୟ ପ୍ରକୃତ ଅଲଙ୍କାର ଅଟେ । ବିନୟୀ ଲୋକ ଅବଶ୍ୟ ଉନ୍ନତ ହୋଇ ସମସ୍ତଙ୍କଠାରେ ପୂଜ୍ୟହୁଏ । ପଣ୍ଡିତମାନେ ବିନୟକୁ "ସମସ୍ତ ସଦ୍ଗୁଣର ଆକର" ବୋଲି କହନ୍ତି" । ସରଳା ପିତା, ମାତା, ଭ୍ରାତା, ଭଗ୍ନୀ ପ୍ରଭୃତି ଗୁରୁଜନ ନିକଟରେ ସର୍ବଦା ବିନୟୀ ଥାଏ । ସେମାନେ ଯେତେବେଳେ ଯାହା ଆଦେଶ କରନ୍ତି ତାହା ଅନ୍ୟଥାରେ କହିବା ଯାଏ ବିଳମ୍ବ ନ କରି ତତ୍କ୍ଷଣାତ୍ ପାଳନ କରେ ।

ଭକ୍ତି — ସୁଶୀଳା ଅବାଧ୍ୟା ହୁଏନାହିଁ, ପିତା

GPNanda Colln., Digitized by srujanika@gmail.com

ମାତା, ଭ୍ରାତା ପ୍ରଭୃତି ମାନ୍ୟଗଣ୍ୟଙ୍କୁ ଭକ୍ତି କରେ ଓ ଛୋଟ ଛୋଟ ଭାଇ ଭଉଣୀ ମାନଙ୍କୁ ସ୍ନେହ କରେ । ତାହାର ଛୋଟ ଭଗ୍ନୀ ମାନଙ୍କ ଟିକେ ଦୁଷ୍ଟ ପଣିଆ କରେ, ତେଣୁ ସୁଶୀଳା ତାକୁ ଅନେକ ବୁଝାଇ ଉପଦେଶ ଦିଏ : ଦେଖ, ମାଳତି, ପିତା, ମାତା, ଅମ୍ଭମାନଙ୍କୁ ଅତି ଶୈଶବ କାଳରୁ କେତେ ଯତ୍ନରେ ଲାଳନ ପାଳନ କରି ଆସୁ ଅଛନ୍ତି, ଅମ୍ଭେମାନେ ସୁଖରେ ଥିବାର ଦେଖିଲେ ସେମାନଙ୍କର ସ୍ୱର୍ଗୋପମ ସୁଖଲାଭ ହୁଏ । ଅମ୍ଭେମାନେ ପୀଡ଼ିତ ହେଲେ ସେମାନେ କ୍ଷୁଧା ତୃଷା ବିସ୍ମରଣ କରି କିପରି ଅମ୍ଭେମାନେ ରୋଗ ମୁକ୍ତ ହେବା, ସେଥିଲାଗି ଅହର୍ନିଶି ଯତ୍ନ କରନ୍ତି । ଅମ୍ଭମାନଙ୍କର ପ୍ରଶଂସା ଶୁଣିଲେ ସେମାନେ ଆପଣାକୁ ଧନ୍ୟ ମଣନ୍ତି । ଅମ୍ଭେମାନେ ପିତା ମାତା-ଠାରେ ଚିରଋଣୀ ଅଟୁଁ । ଏ ଜୀବନରେ ସେ ଋଣ ପରିଶୋଧ କରି ପାରିବା ନାହିଁ । ସୁତରାଂ ଭକ୍ତି ଓ ସେବାକରି ସେମାନଙ୍କୁ ସନ୍ତୁଷ୍ଟ କରିବା । ବଡ ଭାଇ ଭଉଣୀଙ୍କୁ ମଧ୍ୟ ଭକ୍ତି କରିବା, ଅମ୍ଭେମାନେ ଏକ ମାତାର ଉଦରରୁ ଜନ୍ମହୋଇ ବାଦ ବିସମ୍ବାଦ କରିବା ବଡ ଲଜ୍ଜାର ବିଷୟ ।

ଗୁରୁ ପରିଶ୍ରମ ଦ୍ୱାରା ଜଳର ରକ୍ତ ଶୁଷ୍କକରି ଅମ୍ଭ-ମାନଙ୍କର ଉନ୍ନତି ପାଇଁ ଅହରହ କେତେ ଯତ୍ନ କରୁ ଅଛନ୍ତି । ଅମ୍ଭମାନଙ୍କର ପ୍ରଶଂସାରେ ପ୍ରଶଂସିତ ଓ ସୁଖୀ ହୁଅନ୍ତି । ଅମ୍ଭେ-ମାନେ ଅବାଧ୍ୟ ହେଲେ କିମ୍ବା ନ ପଢ଼ିଲେ ତାଡ଼ନା କରନ୍ତି ବୋଲି ବିରକ୍ତି କିମ୍ବା ଅଭକ୍ତି ପ୍ରକାଶ କରିବା ଉଚିତ ନୁହେ । ସେ ସଦୁଦ୍ଦେଶ୍ୟରେ ତାଡ଼ନା କରନ୍ତି । ଗୁରୁ ଧର୍ମ୍ମ-ପିତା, ସୁତରାଂ ତାଙ୍କୁ ପିତୃତୁଲ୍ୟ ଭକ୍ତି କରିବା ଓ ସେ ଯେଉଁ ଉପ-ଦେଶ ଦେବେ ତାହା ପ୍ରସନ୍ନ ଚିତ୍ତରେ ପାଳନ କରିବା ।

GPNanda Colln., Digitized by srujanika@gmail.com

ମାତ୍ସର୍ଯ୍ୟ ଶୂନ୍ୟତା — କୌଶଲ୍ୟା ପରଶ୍ରୀ-କାତର ହୁଏ ନାହିଁ । ଯଶୋବନ୍ତୀ କାହିଁକି ଧନ, ମାନ, ଯଶ ଲାଭ କରୁଅଛି, ମୁଁ କାହିଁକି ପାଉନାହିଁ ବୋଲି ସେ ସ୍ଥିର ଚିତ୍ତରେ ବିଚାର କରି ତାହାର ଗୂଢ଼ କାରଣ ନିର୍ଣ୍ଣୟ କରୁଅଛି ଯେ, ଯଶୋବନ୍ତୀ ପରିଶ୍ରମୀ ଓ ସଚ୍ଚରିତ୍ରା ବାଳିକା କିନ୍ତୁ ମୁଁ ଅଳସ୍ୟପରାୟଣା, ଏଣୁ ତାହାର ସମକକ୍ଷା ହୋଇ ପାରିବାକୁ ନାହିଁ । ସେ ଯେଉଁ ଉପାୟରେ ଉନ୍ନତି ଲାଭ କରୁଅଛି କୌଶଲ୍ୟା ସେହି ଉପାୟ କରୁଥିବାରୁ ଏତେ-ବେଳେ ପ୍ରଶଂସିତା ହେଉଅଛି । ବୈଦେହୀ ସଉଧବଘର ଶ୍ରୀ ଦେଖି କାତର ହୁଏ, କିନ୍ତୁ ସଉଧବଘର କିଛି କ୍ଷତି ହୁଏ-ନାହିଁ, ବୈଦେହୀ ନିଜର ଶରୀରରେ ସହସ୍ର ବୃଶ୍ଚିକ-ଦଂଶନ-ଯନ୍ତ୍ରଣା ଭୋଗକରେ ।

ଭଗ୍ନୀଭାବ — ଭାନୁମତୀ ସମବୟସ୍କା ମାନଙ୍କ ପ୍ରତି ଭଗ୍ନୀଭାବ ରଖେ ବୋଲି ସେମାନଙ୍କଠାରୁ ଅନେକ ଉପକାର ପ୍ରାପ୍ତହୁଏ । ପଠନ ସମୟେ କୌଣସି ସ୍ଥଳରେ ସନ୍ଦେହ ହେଲେ ସେମାନେ ବୁଝାଇ ଦିଅନ୍ତି । ଭାନୁମତୀ ସେମାନଙ୍କ-ଠାରୁ ଭଲ ଭଲ ପୁସ୍ତକ ଆଣି ପାଠକରେ ଓ ସେମାନଙ୍କ ସଙ୍ଗ-ତରେ ଆନନ୍ଦରେ କ୍ରୀଡ଼ାକରେ । ପୀଡ଼ିତା ହେଲେ ସେମାନେ ଅତି ମଧୁର ଗଳ୍ପ ଓ ସେବା ଶୁଶ୍ରୂଷା କରି ଅନେକାଂଶରେ ପୀଡ଼ାର ଯନ୍ତ୍ରଣା ଦୂର କରି ଦିଅନ୍ତି । କୌଣସି ଦିବସ ପାଠ-ଶାଳାରେ ଉପସ୍ଥିତ ହେବାକୁ ପ୍ରତିବନ୍ଧକ ଘଟିଲେ ସେମାନେ ଶିକ୍ଷୟିତ୍ରୀ ନିକଟରେ ସଂବାଦ ଦିଅନ୍ତି । ଭାନୁମତୀ ସେମାନଙ୍କ ଠାରୁ ଯେପରି ବ୍ୟବହାର ପାଇବାକୁ ଆଶା ରଖେ ସେମାନଙ୍କ ସଙ୍ଗତ ସେପରି ବ୍ୟବହାର କରେ ।

GPNanda Colln., Digitized by srujanika@gmail.com

ଲଜ୍ଜା—ଲଜ୍ଜା ସୁଶୃଙ୍ଖଳାର ମୁକୁଟ ସ୍ୱରୂପ, ଯେତେ ସାମାନ୍ୟ ହେଉପଛେ ଅନ୍ୟାୟ କାର୍ଯ୍ୟକଲେ ସେ ଲଜ୍ଜା ବୋଧକରେ । ସେ ଆପଣାର ବଂଶ ଓ ଜାତିଗତ ପ୍ରଥାନୁସାରେ ଚଲ ପ୍ରଚଳ ହୁଏ । କୌଣସି କାର୍ଯ୍ୟ କରିବାକୁ ନିଷେଧ କରି ହୋଇଥିଲେ ତାହା କରେନାହିଁ । ଚନ୍ଦ୍ରାବତୀ ଲଜ୍ଜା କରେ ନାହିଁ ବୋଲି ସମସ୍ତେ ତାକୁ ନିର୍ଲ୍ଲଜ୍ଜ କହନ୍ତି । ଲଜ୍ଜାହୀନା ହେବା ବଡ ମନ୍ଦ । ସେ ଅତି ଗୋଟିଏ ସାମାନ୍ୟ ଅନ୍ୟାୟ କାର୍ଯ୍ୟରେ ଲଜ୍ଜା କରୁନାହିଁ, ଅନ୍ୟଦିନ ଗୋଟିଏ ବଡ ଅନ୍ୟାୟ କାର୍ଯ୍ୟରେ ଲଜ୍ଜା କରିବ ନାହିଁ, ଏହା ଆଶ୍ଚର୍ଯ୍ୟ ନୁହେ । ସେ କିଛି ଭଲ ମନ୍ଦ ବୁଝି ପାରେନାହିଁ, ମନକୁ ଯାହା ଆସେ ତାହାକରେ । ଦିନ୨ ଅବାଧ୍ୟା ହୋଇ ଉଠୁଅଛି । ପରିଶେଷରେ ସେ ଅନେକ ଯାତନା ଭୋଗ କରିବ । ତାକୁ ସମସ୍ତେ ଉପହାସ କରନ୍ତି । ପିତା ମାତା ପ୍ରଭୃତି ମାନ୍ୟ ବ୍ୟକ୍ତିମାନେ ରାଗ କରନ୍ତି ।

କ୍ଷମା—ଶକୁନ୍ତଳାର କେହି ଅନିଷ୍ଟ କଲେ, ସେ ତହିଁର ପ୍ରତିହିଂସା ନେବାକୁ ମନ ବଳାଏ ନାହିଁ । ତାହାର ମା' ଗୋଟିଏ କଥାଣୀ କହୁ୨ କହୁଥିଲେ କି ସେ ତୋର ଥରେ ଅନିଷ୍ଟ କରିଅଛି ଯଦି ମାଏ ତୁ ତାହାର ଅନିଷ୍ଟ ନକରି କ୍ଷମା ଦେଲେ ସେ ନିଜେ ନିଜେ ଅନୁତାପ କରି ତୋ ଅପେକ୍ଷା ଶତଗୁଣ କଷ୍ଟାନୁଭବ କରିବ । ଲୋକେ କଥାରେ କହନ୍ତି "ମାରିବା ଲୋକ ବଡ଼ ନୁହେ, ସହିବା ଲୋକ ବଡ, ସହ୍ୟଶୀଳା ବାଳିକାର ଯେତେ ଶାନ୍ତି ଓ ଆନନ୍ଦ ଥାଏ; ଅନିଷ୍ଟ କାରିଣୀର ମନରେ ସେପରି ଶାନ୍ତି କିମ୍ବା ଆନନ୍ଦ ଥାଏନାହିଁ । ସେ କି ଉପାୟରେ ଅନିଷ୍ଟ କରିବ, ଏହି ଚିନ୍ତାରେ ତାହାର ହୃଦୟ ସର୍ବଦା ଆକୁଳ ହେଉଥାଏ" ।

GPNanda Colln., Digitized by srujanika@gmail.com

ପରୋପକାର—ଦେବକୀ ସ୍ୱ ଉପକାର ପାଇଁ ଯେପରି ଯତ୍ନ କରୁଥାଏ, ପରର ଉପକାର ପାଇଁ ମଧ୍ୟ ସେହିପରି ସପ୍ରେମାସ୍ତି ଯତ୍ନକରେ । ତାହାର ହୃଦୟଟି ଅତ୍ୟନ୍ତ କୋମଳ । ସେ ତାହାର ସଙ୍ଗୀ ମାନଙ୍କୁ କହେ—ଅମ୍ଭେମାନେ ଧନୀଘରର କନ୍ୟାହେତୁ ସୁଖରେ ଅଛୁଁ, ମାଷ ପଥର ଲୋକଙ୍କ ଅନ୍ନ ବସ୍ତ୍ର ଅଭାବରେ ଅତିକଷ୍ଟରେ କାଳାତିପାତ କରୁଅଛନ୍ତି । ତାଙ୍କର ବଳ ଓ ମାନବର କପାଳ ଲେଖ କଳି ପାରନ୍ତି ନାହିଁ । ହୁଏତ ସେହି ଲୋକଙ୍କ ଏକପ୍ରକାର ଅମ୍ଭମାନଙ୍କ ପରି ଧନୀ ହୋଇପାରେ, ଓ ହୁଏତ ଅମ୍ଭେମାନେ ତାହାପରି ଦରିଦ୍ର ହୋଇପାରୁଁ, ଜଗତରେ ଏହିପରି ଅନେକ ଘଟଣା ଅନବରତ ଘଟୁଅଛି" । ଭିକ୍ଷୁକ ଯେଉଁ କଷ୍ଟାନୁଭବ କରେ, ଦେବକୀ ସେହି କଷ୍ଟ ସ୍ୱୟଂ ଭୋଗ କଲାପରି ବୋଧକରି ତାହାକୁ ମୁଠିଏ ଚାଉଳ, କିମ୍ବା ଗୋଟିଏ ପଇସା ଅଥବା ଖଣ୍ଡେ ବସ୍ତ୍ର ଦାନକରେ । ଭିକ୍ଷୁକ ଯେତେବେଳେ ସନ୍ତୁଷ୍ଟ ହୋଇ ଈଶ୍ୱରଙ୍କୁ ତାହାର ମଙ୍ଗଳ ପାଇଁ ପ୍ରାର୍ଥନାକରେ, ସେତେବେଳେ ଦେବକୀ ଅପାର ଆନନ୍ଦ ଲାଭକରେ । ସେ କୌଣସି ଲୋକକୁ ଦାନ କରି-ବାକୁ ଇଚ୍ଛାକଲେ ଘରର ଲୋକମାନଙ୍କର ଅନୁମତି ନେଇ ଶକ୍ତ୍ୟନୁସାରେ ଦାନକରେ ।

ନିର୍ଲୋଭ—କନକମଞ୍ଜରୀ କାହାର ଦ୍ରବ୍ୟଦେଖି ଲୋଭ କରେନାହିଁ । ତୁମ୍ଭମାନଙ୍କର ଗୋଟିଏ ଦ୍ରବ୍ୟ କେହି ନେଇଗଲେ ତୁମ୍ଭମାନଙ୍କର ଯେପରି କଷ୍ଟହୁଏ, ତୁମ୍ଭେମାନେ ଅନ୍ୟର ଦ୍ରବ୍ୟ ନେଲେ ତାହାର ସେହିପରି କଷ୍ଟହେବ । ଲୋଭୀ-ଲୋକଙ୍କୁ ସଂସାରରେ ଚୋର ଭାବି କେହି ବିଶ୍ୱାସ କରନ୍ତି ନାହିଁ ।

GPNanda Colln., Digitized by srujanika@gmail.com

ଚୋର ଅବଶ୍ୟ ହେବେ ଧରାପଡ଼େ । ସେହିପରି ଚକ୍ଷାବତୀ ବୁଲ-ଣୀ ଘର ବାଡ଼ୀରୁ କାକୁଡ଼ି ଓ ମକ୍କା ଚୋରି କରିଥିଲା ବୋଲି ତାହାର ପିତା ତାକୁ ଅନେକ ଦଣ୍ଡଦେଲେ ଏବଂ ସମସ୍ତେ ତାକୁ ନିନ୍ଦା କରୁଅଛନ୍ତି । ଯିଏ ଚୋରି କରୁଅଛି ଈଶ୍ୱର ଦେଖୁ ଅଛନ୍ତି । କେବଳ ମନୁଷ୍ୟ ଚୋରି କହିବା ଦୂରେ ଥାଉ ଏହା ମନରେ ବିଚାର କରିବା ମୁଦ୍ଧା ପାପବୋଲି ବିଚାର କରେ ।

ବିଳାସ ଶୂନ୍ୟତା — ବିଳାସଭୋଗ କରି ଅନେକ ବାଳକ କର୍ମା ହୋଇ ଶରୀରକୁ ରୋଗଗ୍ରସ୍ତ କରି ପକାନ୍ତି । ସେମାନେ କୌଣସି କାର୍ଯ୍ୟରେ ପରିଶ୍ରମ କରି ପାରନ୍ତି ନାହିଁ । ଆପଣାର କାର୍ଯ୍ୟ ଅପର ଉପରେ ନ୍ୟସ୍ତକରି ଅନେକ ହରବରରେ ପଡ଼ନ୍ତି । ବିଳାସିନୀ ହେଲେ ମନ ଅପବିତ୍ର ହୁଏ । ମନ ଅପବିତ୍ର ହେଲେ କାର୍ଯ୍ୟ ଅପବିତ୍ର ହୁଏ । ଅତଏବ ଦ୍ରୌପଦୀ, ବସ୍ତ୍ର, ଅଳଙ୍କାର, ଶଯ୍ୟା ପ୍ରଭୃତିରେ ବିଳାସିନୀ ହୁଏନାହିଁ ।

ସ୍ୱାବଲମ୍ବନ — ଶ୍ରୀମତୀ ଉତ୍ତମରୂପେ ବିବେଚନା କରି ସମସ୍ତ କାର୍ଯ୍ୟ କରେ । କାହାର ପ୍ରଶଂସାରେ ମୁଗ୍ଧ ହୋଇ ଅନ୍ୟାୟ କାର୍ଯ୍ୟ କରେନାହିଁ । ଅକସ୍ମାତ୍ କୌଣସି ଅନ୍ୟାୟ କାର୍ଯ୍ୟକଲେ କ୍ଷମା ପ୍ରାର୍ଥନା କରେ । ସେ ସର୍ବଦା ବାଳିକା ମାନଙ୍କ ଉପଯୋଗୀ ଗୁଣବତୀ ଥିବାରୁ ତାହାର ମର୍ଯ୍ୟାଦା ଅକ୍ଷୁଣ୍ଣ ଅଛି । ସେ କୌଣସି ସହଜସାଧ୍ୟ କାର୍ଯ୍ୟରେ କାହାର ଆଶ୍ରୟ ନ ନେଇ ନିଜେ ନିଷ୍ପନ୍ନ କରେ । ସେ ଏପରି ପଢ଼ିଅଛି ଯେ, ଗରିବ ହୋଇଗଲେ ଅଠ ଦଶଟି ବାଳିକା ପଢ଼ାଇ ଉଦର ପୋଷଣ କରିପାରେ । ଏହା ଛଡ଼ା ସେ

GPNanda Colln., Digitized by srujanika@gmail.com

ଅନେକପ୍ରକାର ଚୁରୀ କାର୍ଯ୍ୟ ଜାଣେ । ଅଧିକନ୍ତୁ ସେ ସାମାନ୍ୟ ଘୋଡ଼ିକେତେ ରୋଗର ଔଷଧ ଜାଣେ । ତାକୁ କେହି ଧରିପାରିଲେ କିମ୍ବା ଅଶ୍ଳୀଳ ବାକ୍ୟ କହିଲେ ଉତ୍ତେଜଣାରୁ ମାରା ଅଗରେ କହିଦିଏ । ଶ୍ରୀମତୀ କିଙ୍କର ମାନ୍ୟକୁ ଅବ- ମାନନା କରଇ ପଂନାହିଁ । ଏହା ବୋଲି ସେ କିଙ୍କର ବଞ୍ଚନା ଦେଖାଏ ନାହିଁ କିମ୍ବା ଅନୁଶ୍ଳାଘା କରେନାହିଁ ।

ଅଳଙ୍କାର — ସ୍ୱର୍ଣ୍ଣ ରୌପ୍ୟାଦିର ଅଳଙ୍କାର କେବଳ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରେ, ଏହି ସବୁ ଭଗ୍ନ, ରୂପାନ୍ତରିତ ଓ ଅପହୃତ ହୋଇପାରେ । ମାତ୍ର ଶରୀରର ସାର ଆତ୍ମା ବିନୟ, ଭକ୍ତି, କ୍ଷମା, ଦୟା, ସତ୍ୟ ପ୍ରଭୃତି ସଦ୍ଗୁଣ ଦ୍ୱାରା ଭୂଷିତ ହୁଏ । ମୃତ୍ୟୁ ହେଲେ ସ୍ୱର୍ଣ୍ଣ ରୌପ୍ୟାଦିର ଅଳଙ୍କାର ସଙ୍ଗରେ ଯାଏନାହିଁ - ପାର୍ଥିବ ଦ୍ରବ୍ୟ ପୃଥିବୀରେ ରହିବ, କିନ୍ତୁ ବିନୟ, କ୍ଷମା, ଦୟା ପ୍ରଭୃତି ସଦ୍ଗୁଣା- ଳଙ୍କାର ଅନନ୍ତ କାଳ ସ୍ଥାୟୀ । ଏହିସବୁ ମୃତ୍ୟୁପରେ ସ୍ୱର୍ଗକୁ ପାଥେୟ ସ୍ୱରୂପ ଜାଣିବ ।

କମଳା ତାହାର ସ୍ୱର୍ଣ୍ଣ ରୌପ୍ୟାଦିର ଯେଉଁକି ଅଳଙ୍କାର ଅଛି ତେଉଁଥିରେ ସନ୍ତୁଷ୍ଟ ଥାଏ, ଅଧିକ ନ ହେଲା ବୋଲି ପିତାମାତାଙ୍କୁ ବିରକ୍ତ କରେନାହିଁ । ସେ ଜନ୍ମ ସଙ୍ଗେ ଯେଉଁ ସବୁ ସଦ୍ଗୁଣାଳଙ୍କାର ଆଣିଅଛି ତାହା ଉତ୍ତମରୂପେ ପରିଧାନ କରିଅଛି ।

ଧୈର୍ଯ୍ୟ — ଧୈର୍ଯ୍ୟ ସବୁ ସିଦ୍ଧିର ମୂଳମନ୍ତ୍ର । ଧୈର୍ଯ୍ୟ ଧାରଣ ନକଲେ ସମୟେ ଅନେକ ବିପଦରେ ପଡ଼ି- ବାକୁ ହୁଏ । ଅଧୈର୍ଯ୍ୟ ହୋଇ କେତେନାରୀ ଧନ ଜନ ସୁଖସୌଭାଗ୍ୟ ଏମନ୍ତ କି ପ୍ରାଣତ୍ୟାଗ ପର୍ଯ୍ୟନ୍ତ କରିଅଛନ୍ତି । ସୁନିଶା

GPNanda Colln., Digitized by srujanika@gmail.com

ଅତ୍ୟନ୍ତ ଧୈର୍ଯ୍ୟବନ୍ତ । କୌଣସି ବିପଦ ଉପସ୍ଥିତ ହେଲେ ଭୟାକୁଳିତ ନ ହୋଇ ତହିଁରୁ ଉଦ୍ଧାର ହେବାର ଉପାୟ ଉଦ୍ଭାବନ କରନ୍ତି । ସେମାନେ ବସ୍ତୁତଃ କୌଣସି ଆତ୍ମୀୟ ଲୋକ ଅବହେଳା ପଡ଼ିଥିଲେ ହେଲେ ସଂସାରର ଘଟଣା ସକଳ ଆଲୋଚନା କରି ଏବଂ ଈଶ୍ୱରଙ୍କ ଉପରେ ନିର୍ଭର କରି ନିଜର ହୃଦୟକୁ ଶାନ୍ତ ନାହିଁ କରନ୍ତି । ସୁତରାଂ ଅଧୈର୍ଯ୍ୟ ହୋଇ ଅଗ୍ର ପଶ୍ଚାତ୍ ବିଚାର ନ କରି କୌଣସି କାର୍ଯ୍ୟ ହଠାତ୍ କରନ୍ତି ନାହିଁ । ସାଂସାରିକ ବିଷୟ ମାନଙ୍କରେ ସେ ଯେପରି ଧୈର୍ଯ୍ୟ ଧରନ୍ତି, ଯେପରି ମନୋରାଜ୍ୟରେ କାମନା, କ୍ରୋଧ, ଲୋଭ ପ୍ରଭୃତି କୌଣସି ଶତ୍ରୁ ଉପଦ୍ରବ କଲେ ଧୈର୍ଯ୍ୟ ଧରି ସେମାନଙ୍କୁ ଜ୍ଞାନର ସାହାଯ୍ୟରେ ଦମନ କରନ୍ତି ।

ମସ୍ତିଷ୍କର କାର୍ଯ୍ୟ — ମସ୍ତିଷ୍କର କାର୍ଯ୍ୟ ସମ୍ବନ୍ଧେ କିଛି କହିବା ପୂର୍ବରୁ ମସ୍ତିଷ୍କ କଣ ? ଏ ସମ୍ବନ୍ଧେ ଦୁଇ ଚାରି କଥା କହିବା ଉଚିତ । ମସ୍ତକର ଅଭ୍ୟନ୍ତରରେ ଏକ ପ୍ରକାର ଧୂସର ବର୍ଣ୍ଣ ଘନ କୋମଳ ପଦାର୍ଥ (Grey-matter) ଅଛି, ଏହାକୁ ମସ୍ତିଷ୍କ ବୋଲାଯାଏ । ସକଳ ପ୍ରାଣୀର ମସ୍ତିଷ୍କ ଅପେକ୍ଷା ଶରୀର ତୁଳନାରେ ମନୁଷ୍ୟର ମସ୍ତିଷ୍କ ଅଧିକ । ହସ୍ତୀ ଏତେବଡ଼ ଜନ୍ତୁ, କିନ୍ତୁ ଶରୀର ତୁଳନାରେ ତାହାର ମସ୍ତିଷ୍କ ଅଳ୍ପମାତ୍ର । ପରୀକ୍ଷା ଦ୍ୱାରା ଜଣା ଯାଇଅଛି ଯେ, ଯାହାର ମସ୍ତିଷ୍କ ଯେତେ ଅଧିକ ତାହାର ବୁଦ୍ଧି ସେତେ ଅଧିକ ।

ଆମ୍ଭେମାନେ ଯାହା ଦେଖୁ, ତାହା ପ୍ରଥମେ ଚକ୍ଷୁରେ ପ୍ରତିଫଳିତ ହୁଏ । ଚକ୍ଷୁରୁ ମସ୍ତିଷ୍କ ପର୍ଯ୍ୟନ୍ତ ଅତି ସୂକ୍ଷ୍ମ ସ୍ନାୟବିକ ଶିରା ସକଳ ସଂଯୁକ୍ତ ଅଛି ଏହି ଶିରା ସକଳ ଦ୍ୱାରା ସେହି ପ୍ରତିକୃତି ପୁଣି ମସ୍ତିଷ୍କରେ ପ୍ରତିଫଳିତ ହୁଏ ; ସୁତରାଂ ଆମ୍ଭେ-

GPNanda Colln., Digitized by srujanika@gmail.com

ମାନେ ଚକ୍ଷୁଦ୍ୱାରା ଦୃଷ୍ଟ ପଦାର୍ଥ ଗ୍ରାହ୍ୟକରୁଁ । ତୁମ୍ଭେମାନେ ଫଟୋଗ୍ରାଫ୍ ଯନ୍ତ୍ର ଦେଖିଥିବ । ଏହି ଯନ୍ତ୍ର ପରି ମସ୍ତିଷ୍କରେ ଦୃଷ୍ଟ ପଦାର୍ଥ ମୁଦ୍ରିତ ହୁଏ । ଏହି ପ୍ରକ୍ରିୟାରେ ଆମ୍ଭେମାନେ ଶ୍ରବଣ , ଆଘ୍ରାଣ ମଧ୍ୟ କରୁଁ । ଏ ସମସ୍ତ ଅପେକ୍ଷା ଶିକ୍ଷା-ବିଷୟ ଯେ ମସ୍ତିଷ୍କରେ ମୁଦ୍ରିତ ହୋଇ ରହେ , ତାହା ଅତି ବିସ୍ମୟର ବିଷୟ । ବୈଜ୍ଞାନିକମାନେ କହନ୍ତି : ଗାନ , କଥୋପକଥନ , ବାଦ୍ୟଯନ୍ତ୍ରର ଇତ୍ୟାଦି ଫନୋଗ୍ରାଫର 'ରେକର୍ଡ' ରେ ଯେପରି ଚିହ୍ନ ଆକାରରେ ମୁଦ୍ରିତ ହୁଏ , ସେପରି ଆମ୍ଭେମାନେ ଯାହା ଶିକ୍ଷା କରୁଁ କିମ୍ବା ମୁଖସ୍ଥ କରୁଁ , ସେ ସମସ୍ତ ମସ୍ତିଷ୍କକୁ କୈଶିକ ଶିରାଦ୍ୱାରା ପ୍ରବିଷ୍ଟ ହୋଇ ମସ୍ତିଷ୍କରେ ମଧୁଚକ୍ର ପରି ପ୍ରତ୍ୟହ , ପ୍ରତିଚିନ୍ତା କାଳରେ ଗୋଟିଏ ଗୋଟିଏ କୋଷ ଗଠିତ ହୁଏ , ଏପରି ଶିକ୍ଷା ଓ ଚିନ୍ତାର ପରିମାଣ ଅନୁସାରେ ଲକ୍ଷ ଲକ୍ଷ କୋଷ ନିର୍ମିତ ହୁଏ । ବ୍ୟବହାର ବା ଅବୃତ୍ତି ଦ୍ୱାରା ସେ ସବୁ କୋଷ କାର୍ଯ୍ୟ କରନ୍ତି , ଏହାକୁ ଆମ୍ଭେମାନେ 'ସ୍ମୃତି' କହୁଁ , ବ୍ୟବହାର ବା ଅବୃତ୍ତି ନକଲେ ତାହା କାର୍ଯ୍ୟକରି ପାରେନାହିଁ , ତାହାକୁ ଆମ୍ଭେମାନେ 'ବିସ୍ମୃତି' କହୁଁ । ଯେଉଁମାନେ ମସ୍ତିଷ୍କକୁ ନିତ୍ୟ ଉଚ୍ଚ ଚିନ୍ତାରେ , ଉଚ୍ଚ କାର୍ଯ୍ୟରେ ନିବଦ୍ଧ କରନ୍ତି ସେମାନେ ଜଗତରେ ଧନୀ , ମାନୀ , ଜ୍ଞାନୀ , କବି , ଧାର୍ମିକ , ପ୍ରତିଭାଶାଳୀ ଓ ମହାପୁରୁଷ ବୋଲି ପରିଚିତ । ନାରୀମାନଙ୍କ ପକ୍ଷେ ମଧ୍ୟ ଏହିକଥା ।

ମସ୍ତିଷ୍କର କାର୍ଯ୍ୟକୁ ଆମ୍ଭେମାନେ 'ମନ' ବୋଲି-କହୁଁ । କୌଣସି ବର୍ତ୍ତୁଳାକାର କାଚ ଫଳକରେ ସୂର୍ଯ୍ୟ—ରଶ୍ମିକୁ ଗୋଟିଏ ବିନ୍ଦୁରେ କେନ୍ଦ୍ରୀଭୂତ କରି ପୁଞ୍ଜୀକୃତ କଲେ ଦାହିକା ଶକ୍ତି ଉତ୍ପନ୍ନ ହୁଏ , ସେପରି ମନକୁ କୌଣସି

GPNanda Colln., Digitized by srujanika@gmail.com

ଗୋଟିଏ ବିଷୟରେ ପର୍ଯ୍ୟବେସିତ କଲେ ମନର ଶକ୍ତି ବୃଦ୍ଧି-ହୁଏ । କୌଣସି ପ୍ରବଳ ନଦୀ-ସ୍ରୋତକୁ ଶତଧା କଲେ ଯେପରି ସ୍ରୋତର ଶକ୍ତି ଥାଉ ରହେନାହିଁ, ସେପରି ମନକୁ ଏକ ସମୟେ ବିଚ୍ଛିନ୍ନ କଲେ ମନ ନିତାନ୍ତ ଅକ୍ଷମ ହୋଇ-ପଡ଼େ । ଏକାଗ୍ର ଅନୁଶୀଳନ ଦ୍ୱାରା ମନର କ୍ଷମତା ବୃଦ୍ଧି ହୁଏ । ମନର କାର୍ଯ୍ୟ ବହୁଦୂରବ୍ୟାପି—ଅସୀମ । ମନର ଦୃଢ଼ତା ଦ୍ୱାରା ଅନେକ ସମୟେ ବିପଦୁଦ୍ଧାର ଓ ରୋଗୋପଶମ ହୋଇ ଥିବାର, ଏମନ୍ତକି ମୃତ୍ୟୁମୁଖରୁ ପୁନର୍ଜୀବନ ଲାଭ କରିଥିବାର ଶୁଣା ଯାଇଅଛି; ପୁଣି ଯୁବକ ଯୁବତୀ ମନର ଦୃଢ଼ତା ଦ୍ୱାରା ବାର୍ଦ୍ଧକ୍ୟକୁ ବହୁକାଳ ବହୁ ଦୂରରେ ରଖି ପାରନ୍ତି ଓ ବୃଦ୍ଧ ବୃଦ୍ଧାମାନେ ଯୁବକ ଯୁବତୀ ପରି କାର୍ଯ୍ୟକ୍ଷମ ହୋଇ ପାରନ୍ତି, ଏହା କଳ୍ପନାନୁମୋଦିତ; ଅନୁସନ୍ଧାନ କଲେ ଅନେକ ଦୃଷ୍ଟାନ୍ତ ପାଇ ପାରିବ । ବିରକ୍ତି ମନର ବଡ଼ ଅନିଷ୍ଟ କାରକ କିନ୍ତୁ ପ୍ରସନ୍ନତା ପୁଷ୍ଟି କାରକ ।

ପଠନର ନିୟମରେ ସ୍ମୃତିଶକ୍ତି ବୃଦ୍ଧିହୁଏ । ଉଚ୍ଚସ୍ୱରରେ ପଠନ କଲେ ଶରୀର ଦୁର୍ବଳ, ମସ୍ତିଷ୍କ ଗରମ ଓ ମନ ବିରକ୍ତ ହୁଏ । ଏଥିରେ ସ୍ମରଣ ଶକ୍ତିର ହ୍ରାସ ହୁଏ । ଯାହା ପଢ଼ିବ ପ୍ରଫୁଲ୍ଲ ଚିତ୍ତରେ, କ୍ରୀଡ଼ା ସାମଗ୍ରୀ ପରି, ଏକାଗ୍ର ମନରେ ପ୍ରତିପଦ ପ୍ରତି ଦୃଷ୍ଟି ନିକ୍ଷେପ କରିବ, ପରେ ଶବ୍ଦ ଓ ବାକ୍ୟର ଅର୍ଥ ଏବଂ ଭାବ ଗଭୀର ଭାବେ ବୁଝିବ, ତତ୍ପରେ ବହୁ ମୂଲ୍ୟ ରତ୍ନକୁ ବାକ୍ସ ମଧ୍ୟରେ ଅତି ଯତ୍ନରେ ରଖିବା ପରି ଅଧୀତବ୍ୟ ବିଷୟ ଅନୁଚ୍ଚ ସ୍ୱରରେ ସାଧାରଣତଃ କଥା କହିବାପରି ପାଠକରି ମସ୍ତିଷ୍କ ମଧ୍ୟରେ [illegible] । ଯେଉଁ ବିଷୟ ପାଠ କରିବ, ଯେତେଦୂର ସମ୍ଭବ ତତ୍ତ୍ୱର ବିସ୍ତୃତ ଆଲୋଚନା

GPNanda Colln., Digitized by srujanika@gmail.com

ହେଲେ ତାହା ପାଶୋର ଯାଏନାହିଁ । ପଠନ ସମୟେ ଅନ୍ୟ ବିଷୟ ଭାବିବ ନାହିଁ । ତାହା ଯେ କୌଣସି ପ୍ରକାରେ ଶେଷ କରିବାକୁ ଚେଷ୍ଟା ନକରି ତାହା ଧୀର ଧୀର ପାଠ କରିବ । ଏହି ନିୟମରେ କିଛିକାଳ ପଠନ ଅଭ୍ୟାସ କଲେ ସ୍ମୃତି ଶକ୍ତିର ବୃଦ୍ଧି ହୁଏ । ପ୍ରଥମେ କେତେକ ସଂଖ୍ୟା, ପରେ ଶବ୍ଦ, ତତ୍ପରେ ଛୋଟ ଛୋଟ ବାକ୍ୟ ଦ୍ୱାରା ଅଭ୍ୟାସ କରି ପରେ ଦୀର୍ଘ ବାକ୍ୟାଦି ଅଭ୍ୟାସ କରାଯାଇ ପାରିବ । ସ୍ମୃତିଶକ୍ତି ଏକା ବିଦ୍ୟା ପଠନ ନିମନ୍ତେ ନୁହେ, ଜୀବନର ସମସ୍ତ କାର୍ଯ୍ୟରେ ପ୍ରଧାନ ସହାୟ ।

କ୍ରମବିକାଶ — ଆଧୁନିକ ବୈଜ୍ଞାନିକ ଯୁଗରେ ଆଲୋଚନାର ପ୍ରଧାନ ବିଷୟ ହେଉଅଛି—କ୍ରମବିକାଶ । କୌଣସି ଅତିସୂକ୍ଷ୍ମ ଉପାଦାନ କ୍ରମେ କ୍ରମେ ବର୍ଦ୍ଧିତ ହୋଇ ପ୍ରକାଶ ପାଇଲେ ତାହାକୁ କ୍ରମବିକାଶ ବୋଲାଯାଏ । କ୍ରମବିକାଶର ଉପାଦାନ, କ୍ରମବିକାଶର ପରିପୁଷ୍ଟି ବା ପଦ୍ଧ ସମ୍ବନ୍ଧେ ଅନୁଶୀଳନ କଲେ ଉଜ୍ଜ୍ୱଳ ଜ୍ଞାନ ଲାଭ ହୁଏ । ବର୍ତ୍ତମାନ କୌଣସି ଗୋଟିଏ ଫଳ ସମ୍ବନ୍ଧେ ଗବେଷଣା କରାଯାଉ । ବର୍ତ୍ତମାନ ତୁମ୍ଭ ସମ୍ମୁଖରେ ଗୋଟିଏ ନାରିକେଳ ଫଳ ରହୁ । ଏହାର ପ୍ରଥମ ଉତ୍ପନ୍ନ ସମୟ ସ୍ମରଣ କର । ଏହି ନାରିକେଳ ଫଳର ବୃକ୍ଷରେ ପ୍ରଥମେ କ୍ଷୁଦ୍ର କ୍ଷୁଦ୍ର ଅଣୁ ସ୍ୱରୂପ ସ୍ତୂପାକାର ମୁକୁଳ ଉଦ୍ଗତ ହେଲା । ମୁକୁଳ ସବୁ ବୃଦ୍ଧି ହେବାକୁ ଲାଗିଲା, କିଛିକାଳ ପରେ ଚଣାପରି ଦେଖାଗଲା । ନାରିକେଳ କଷି ଯେପରି ବଢ଼ିବାକୁ ଲାଗିଲା, ସେପରି ତନ୍ମଧ୍ୟରେ ଜଳ ମଧ୍ୟ ସଞ୍ଚିତ ହେବାକୁ ଲାଗିଲା । ନାରିକେଳର ପରିପକ୍ୱ ଅବସ୍ଥାରେ ଅଭ୍ୟନ୍ତରସ୍ଥ ଜଳ କଠିନ ଆକାର ଧାରଣ

GPNanda Colln., Digitized by srujanika@gmail.com

ବଲ । ବର୍ତ୍ତମାନ ଭନ୍ମଧ୍ୟରେ ଗୋଟିଏ ଅଙ୍କୁର ଅଜ୍ଞାତ ଭାବରେ ଅନ୍ତର୍ନିହିତ ହୋଇ ରହିଅଛି । ସମୟରେ ତାହା ପ୍ରକାଶ ପାଇବ ଏବଂ ମୃତ୍ତିକା, ଜଳ, ବାୟୁ ଓ ଉତ୍ତାପ ସାହାଯ୍ୟରେ ବର୍ଦ୍ଧିତ ହୋଇ ବୃକ୍ଷ ଆକାର ଧାରଣ କରିବ । ଏହାହିଁ କ୍ରମ-ବିକାଶ । ନାରିକେଳର କଠିଣ ବହିରାବରଣ ଶୀତୋଷ୍ଣରୁ ଅଭ୍ୟନ୍ତରସ୍ଥ ଅଙ୍କୁରକୁ ରକ୍ଷାକରେ । ଏହି ଗୋଟିଏ ନାରି-କେଳର କ୍ରମବିକାଶ ଭୂମିକୁ ବୁଝାଇ ଦିଆଗଲା ।

ବର୍ତ୍ତମାନ ଗୋଟିଏ ଡିମ୍ବରୁ ହଂସ ପକ୍ଷୀ-ଶାବକର କ୍ରମବିକାଶ ଆଲୋଚନା କରିଯାଉ । ଡିମ୍ବ ମଧ୍ୟସ୍ଥ ହରିଦ୍ରାବର୍ଣ୍ଣ କୁସୁମହିଁ ପକ୍ଷୀ ଶରୀରର ଉପାଦାନ, ଶ୍ୱେତ ଅଂଶ କ୍ଷୁଦ୍ର ପକ୍ଷୀ-ଶାବକର ଆହାର ସ୍ୱରୂପ କାର୍ଯ୍ୟକରେ ଏବଂ କାଗଜ-ପରି ପାତଳା କଠିଣ ଆବରଣ ସେହି ଶାବକର ବାହ୍ୟ ବିପ-ଦରୁ ରକ୍ଷା ନିମନ୍ତେ ଗଠିତ । ଡିମ୍ବ ମଧ୍ୟସ୍ଥ କୁସୁମ ପ୍ରଥମେ ଜଳବତ୍ ତରଳ ଥାଏ, ତାହା କ୍ରମେ କ୍ରମେ ଘନୀଭୂତ ହୋଇ ତହିଁରୁ ପକ୍ଷୀର ଅବୟବ ଓ ଲୋମ ପର୍ଯ୍ୟନ୍ତ ନିର୍ମିତ ହୁଏ । ଯଥା ସମୟେ ପକ୍ଷୀ ଶାବକ ଡିମ୍ବରୁ ବହିର୍ଗତ ହୁଏ । ଏହି କାର୍ଯ୍ୟ ବିପରି ଧୀରେ ଧୀରେ ସଂସାଧିତ ହୁଏ ତାହା ମନୋ-ଯୋଗ ସହକାରେ ଆଲୋଚନା କଲେ ବାସ୍ତବରେ ଅଭିଭୂତ ହେବାକୁ ହୁଏ ।

ଏହିପରି ନୀହାରିକା * (Nebula) ପଟଳରୁ

---

* ଲାପ୍ଲାସ ପ୍ରକଟିତ ଜଗତର ଉତ୍ପତ୍ତି ସମ୍ବନ୍ଧେ ମତ— "ବିଶ୍ୱସଂସାର ଆଦୌ ବାଷ୍ପମୟ ସୂକ୍ଷ୍ମଭୂତରେ ବିଲୀନ ଥିଲା, ତାପ ବିକିରଣ ଦ୍ୱାରା କ୍ରମଶଃ ପୃଥିବ୍ୟାଦି ଆକାର ଧାରଣ କରିଅଛି ।"

ସୌରଜଗତ, ଜଳ, ପୃଥିବୀ, ବୃକ୍ଷ ଲତାଦି, ଜଳଚର ଓ ସ୍ଥଳଚର ପ୍ରାଣୀସକଳର ଉତ୍ପତ୍ତି ଓ ଅଭିବ୍ୟକ୍ତି ହୋଇଅଛି । ଏ ସମସ୍ତ ବିଷୟେ ବୈଜ୍ଞାନିକ ମାନେ ଗଭୀର ଗବେଷଣା କରୁଅଛନ୍ତି । ସେ ସମସ୍ତ ଯଥା ସମୟେ ଉଚ୍ଚଶିକ୍ଷା ସହିତ ତୁମ୍ଭେ ଅବଗତ ହୋଇ ପାରିବ । ଏହି ନିୟମରେ ମାନସିକ ଉଚ୍ଚ-ବୃତ୍ତି ନିଚୟର ଅନୁଶୀଳନରେ ସତ୍ୟ, ସାମ୍ୟ, ମୈତ୍ରୀ, ଦୟା, କ୍ଷମା, ଧର୍ମ ଓ ଜ୍ଞାନ ପ୍ରଭୃତି ଉଚ୍ଚଗୁଣ ଗୁଡିକର ଓ ନୀଚ ପ୍ରବୃତ୍ତି ନିଚୟର ଅନୁଶୀଳନରେ ପାପ, କ୍ରୋଧ, ହିଂସା ପ୍ରଭୃତି ନୀଚ ଗୁଣ ଗୁଡ଼ିକର କ୍ରମବିକାଶ ହୁଏ । କୌଣସି ବିଷୟର ଉପାଦାନ ଯେତେ କ୍ଷୁଦ୍ର ହେଉନା କାହିଁକି ତହିଁର କ୍ରମବିକାଶ ବୃହତ୍ । ଆଜିକାଲି ରେଲ୍‌ୱେ ପ୍ରଭୃତିର ଇଞ୍ଜିନ, ଟେଲିଗ୍ରାଫ୍, ଫଟୋଗ୍ରାଫ୍, ବାୟୁସ୍କୋପ, ଦୂର-ବୀକ୍ଷଣ, ଜାହାଜ, ଆକାଶଯାନ, ମୁଦ୍ରାଯନ୍ତ୍ର ପ୍ରଭୃତି ଯେତେ ପ୍ରକାର କଳ-ଯନ୍ତ୍ର ଦେଖୁଅଛ, ଏ ସମସ୍ତର ଆବିଷ୍କାର ସାମାନ୍ୟ ପଦାର୍ଥରୁ ହୋଇଅଛି । ଅତଏବ କୌଣସି ବିଷୟର କାରଣ ନିର୍ଦ୍ଦେଶ କରିବା ଦ୍ୱାରା କ୍ରମବିକାଶର ମୂଳ ସୂତ୍ର ଧରାଯାଏ ଓ ତହିଁରୁ ପୂର୍ଣ୍ଣାବୟବ ପର୍ଯ୍ୟନ୍ତ ତନ୍ନ ତନ୍ନ କଲେ ଉନ୍ନତିର କ୍ରମ ଦେଖାଯାଏ ଏବଂ ଏହା ଦ୍ୱାରା ଜଗତ୍କର୍ତ୍ତାଙ୍କର ଅଭା-ବନୀୟ ବିଚିତ୍ର ସୃଷ୍ଟି କୌଶଳର ଆଭାସ ମିଳେ ।

GPNanda Colln., Digitized by srujanika@gmail.com

୪ର୍ଥ ଅଧ୍ୟାୟ ।

ବଧୂ ବ୍ରତ

ପ୍ରକୃତ ନାରୀ କିଏ ? — ସର୍ବୋତ୍ତମା ନମ୍ରା, କ୍ଷମାଶୀଳା, ସ୍ୱଜନ ଓ ପରିବାର ବର୍ଗର ଶାନ୍ତି ଦାୟିନୀ ଏବଂ ଈର୍ଷା ଶୂନ୍ୟା, ପ୍ରସନ୍ନ ବଦନା, ପ୍ରିୟଭାଷିଣୀ ଓ ପତି ପରାୟଣା ଅତି ଗୃହକାର୍ଯ୍ୟ ଓ ସନ୍ତାନ ପାଳନରେ ନିବିଷ୍ଟମନା ଅତଏବ ତାହାଙ୍କୁ ସମସ୍ତେ ପ୍ରକୃତ ନାରୀ କହନ୍ତି । ତାଙ୍କର ସତୀ-ଧର୍ମ୍ମ ସୌନ୍ଦର୍ଯ୍ୟ, ସଦ୍‌ଗୁଣ ସବୁ ଅଳଙ୍କାର, ଲଜ୍ଜା ଅବଗୁଣ୍ଠନ, ବାକ୍ୟ ପରିମିତ, ଚିତ୍ତ ଆତ୍ମବଶ, ମନ ନିର୍ମଳ, ଚରିତ୍ର ଦୁର୍ଭେଦ୍ୟ ଆବରଣ, ହୃଦୟ ଅଭେଦ୍ୟ ଦୁର୍ଗ ଓ ଧର୍ମ୍ମ ରକ୍ଷକ ।

ପରିବାର ପ୍ରତି ବ୍ୟବହାର — ମନୋରମା ଶାଶୁ, ଶ୍ୱଶୁର ପ୍ରଭୃତି ମାନଙ୍କ ସହିତ ଯେପରି ବ୍ୟବହାର କରିବା ଉଚିତ ସେପରି ବ୍ୟବହାର କରନ୍ତି । କାହାରି ମନରେ କଷ୍ଟ ଦିଅନ୍ତି ନାହିଁ । ସେମାନେ ଯେଉଁ ଆଦେଶ କରନ୍ତି ତାହା ଶିରୋଧାର୍ଯ୍ୟ କରି ପାଳନ କରନ୍ତି । ସେମାନେ ଅସନ୍ତୁଷ୍ଟ ଥିଲେ ମନୋରମାଙ୍କର ଏପରି ପ୍ରଶଂସା କେହି ଶୁଣନ୍ତେ ନାହିଁ ।

ପତିଭକ୍ତି — ସ୍ୱାମୀ ନାରୀର ଏକମାତ୍ର ଗତି ଓ ମୁକ୍ତି, ସ୍ୱାମୀଠାରୁ ଅନ୍ୟ କେହି ପ୍ରିୟତମ ହୋଇ ନପାରେ । ସୀତା ସ୍ୱାମୀର ଦୁଃଖରେ ଦୁଃଖୀ ଓ ସୁଖରେ ସୁଖୀ ହୁଅନ୍ତି ।

GPNanda Colln., Digitized by srujanika@gmail.com

ଯଦ୍ଦ୍ୱାରା ପତିର କଷ୍ଟ ହେବ ଏପରି କାର୍ଯ୍ୟ ନ କରି ସର୍ବଦା ତାଙ୍କର ମନସ୍ତୁଷ୍ଟି ପାଇଁ ଯତ୍ନ କରନ୍ତି । ସେ କାୟ-ମନ-ବାକ୍ୟ ତ୍ରିବିଧ ଉପାୟରେ ଆତ୍ମ ସମର୍ପଣ କରି ପତି ସେବାରେ ନିଯୁକ୍ତ ହୁଅନ୍ତି । ମାତ୍ର କୌଣସି ସମୟରେ ସ୍ୱାମୀର ଅନ୍ୟାୟ କାର୍ଯ୍ୟ ଦେଖାଗଲେ ତହିଁରୁ ନିବୃତ୍ତ ହେବା ପାଇଁ ବିନୟ ପୂର୍ବକ ଭୟ ଦେଖାଇ ଦିଅନ୍ତି । ସୀତା, ସାବିତ୍ରୀ ଓ ଦମୟନ୍ତୀ ପ୍ରଭୃତି ନାରୀମାନେ ସ୍ୱାମୀ ସେବାକୁ ଏକମାତ୍ର ଜୀବନର ପ୍ରଧାନ ଉଦ୍ଦେଶ୍ୟ ବିବେଚନା କରି କାର୍ଯ୍ୟ କରିଥିବାରୁ ସେମାନଙ୍କର ନାମ ଜଗତରେ ଅମର ହୋଇ ରହିଅଛି ।

ନାରୀମାନଙ୍କର ସର୍ବଶ୍ରେଷ୍ଠ ଧନ ସତୀତ୍ୱ । ଯେତେ ଗୁଡ଼ିଏ ଗୁଣ ଥାଉନା ତାହିଁକି ସତୀତ୍ୱହୀନା ନାରୀର ଜନ୍ମ ବୃଥା । ସତୀତ୍ୱ ରକ୍ଷା ନିମନ୍ତେ ପ୍ରତି ମୁହୂର୍ତ୍ତରେ ସାବଧାନ ରହିବା ଉଚିତ । ଅସତୀ ନାରୀ ଏକା ନିନ୍ଦାଭାଜନ ହୁଏନାହିଁ, ସେ ତାହାର ପିତୃକୁଳ ଓ ଶ୍ୱଶୁର କୁଳରେ କାଳିମା ଲେପ କରେ । ସଙ୍ଗେ ୨ ସମାଜର ତଥା ଦେଶର ଘୋର ଅନିଷ୍ଟ ହୁଏ । ଅସତୀ ନାରୀମାନଙ୍କର ପାପାଚରଣ ଯୋଗୁଁ କେତେ ଭୟଙ୍କର ଘଟଣା ଉପସ୍ଥିତ ହୁଏ, ତାହା କଳନା କରାଯାଇ ନପାରେ । ଜଗତରେ ଶାନ୍ତି ନାରୀମାନଙ୍କ ଉପରେ ନିର୍ଭର କରୁଅଛି । ତେଣୁ ଶାନ୍ତି ସ୍ଥାପନ ଓ ବଂଶରକ୍ଷା ନିମନ୍ତେ ବିବାହ ପ୍ରଥା ସୃଷ୍ଟି ହୋଇଅଛି । ଯେ କୌଣସି ଦେଶ ଆଡ଼କୁ ଦୃଷ୍ଟି ଫେରାଅ, ସମସ୍ତେ ଏହି ଶୁଭ ନିୟମର ଅଧୀନ । ଏହି ନିୟମ ନଥିଲେ ଅଭାବନୀୟ ଅମଙ୍ଗଳ ସଂଘଟନ ହୁଅନ୍ତା । ଅନେକ ଦୁଶ୍ଚରିତ୍ରା ରମଣୀ ଈଶ୍ୱରଙ୍କର ଏବଂ ସମାଜର ଏହି ଶୁଭ ବିଧାନରେ ଜଳାଞ୍ଜଳି ଦେଇ ପାପାଚରଣ କରନ୍ତି । ସେମାନଙ୍କୁ

GPNanda Colln., Digitized by srujanika@gmail.com

ଅଧିକ୍-ଶତଅଧିକ । ଏପରି ପାପିଷ୍ଠା ନାରୀର ମୁଖ ଦେଖିବା ମଧ୍ୟ ପାପ । ବିବାହ ପରେ ପତି-ପତ୍ନୀର ଉଭୟ ହୃଦୟ ଏକ ହୃଦୟ ଏବଂ ଉଭୟେ ସମାନ ସୁଖ-ଦୁଃଖ ଭାଗୀ ହେବା ଉଚିତ । ଯେଉଁ ଗୃହରେ ଏତାଦୃଶ ଦାମ୍ପତ୍ୟ ପ୍ରେମ ଅଛି, ପରସ୍ପରର ସୁଖ ବୃଦ୍ଧି ପାଇଁ ଯତ୍ନବାନ ହୁଅନ୍ତି, ସେହି ଗୃହରେ ନିତ୍ୟ ପୂର୍ଣ୍ଣ-ଶାନ୍ତି ବିରାଜିତ କରେ । ଗୃହଟି ନନ୍ଦନକାନନ ସମ ଶୋଭା ବୃଦ୍ଧି କରେ । ସ୍ୱର୍ଗର ସୁଖ ସେହି ଗୃହକୁ ଚାଲିଆସେ । ଯେଉଁ ନାରୀ ମାନଙ୍କର ଏପରି ବାସନା ଅଛି ସେମାନେ ସର୍ବଦା ଅସତ୍ସଙ୍ଗ ପରିତ୍ୟାଗ କରିବେ, ଏହା ପୂର୍ବେ ବିଶଦ ରୂପେ କୁହା ଯାଇଅଛି । ସେମାନେ ଶୌଚ ଓ ପବିତ୍ର ରହିବେ । ସ୍ନାନ ଇତ୍ୟାଦି କରି ଏବଂ ପରିଷ୍କାର ବସ୍ତ୍ର ପରିଧାନ କରି ବାହ୍ୟ ପବିତ୍ରତା ରଖାଯାଏ ମାତ୍ର ଭିତରର ପବିତ୍ରତା ଅଧିକ ଆବଶ୍ୟକ । ଖଣ୍ଡେ ବାସନର ବାହାର ପରିଷ୍କାର କରି ଅଭ୍ୟ-ନ୍ତର ଅପରିଷ୍କାର ରଖିଲେ କୌଣସି କାର୍ଯ୍ୟରେ ଲାଗେନାହିଁ । ଅନେକ ନାରୀ ବାହାରେ ପବିତ୍ର ସାଜି ଅଭ୍ୟନ୍ତର ନରକପରି ଘୃଣା ଜନକ ଅସଂଖ୍ୟ ପାପ କୀଟରେ ପୂର୍ଣ୍ଣ ରଖିଥାନ୍ତି । ଏପରି ନାରୀମାନଙ୍କର ଅଦୌ ସୁଖ କିମ୍ବା ଶାନ୍ତି ନାହିଁ । ସେମାନଙ୍କ କ୍ଷଣସ୍ଥାୟୀ ସୌନ୍ଦର୍ଯ୍ୟ ପଦ୍ମପତ୍ର ଜଳତୁଲ୍ୟ ଶୀଘ୍ର ଚାଲିଯାଏ । ପୁଷ୍ପ ବୃକ୍ଷରେ ଥିବାଯାଏ ପବିତ୍ର ଓ ସୁନ୍ଦର । ବୃନ୍ତଚ୍ୟୁତ ହେଲେ ପଦ ଦଳିତ ଓ ଅନାଦର ପ୍ରାପ୍ତହୁଏ । ତଦ୍ରୂପ ନାରୀର ଚରିତ୍ର ଥରେ ନଷ୍ଟହେଲେ ତାହାର ଏଜୀବନରେ ଆଉ ସୁଖ, ଶାନ୍ତି ପ୍ରଶଂସା କିଛି ଲାଭ ହୁଏନାହିଁ । ଅସତୀ ନାରୀର ବଦ-ନରୁ ହୃଦୟର ଅପବିତ୍ରତା ପ୍ରକାଶ ହୋଇପଡେ । ସହସ୍ର ଚେଷ୍ଟାକଲେ ସୁଦ୍ଧା ପାପ କାର୍ଯ୍ୟ ଗୁପ୍ତ ରହେନାହିଁ । ପାପ,

GPNanda Colln., Digitized by srujanika@gmail.com

ବାହ୍ୟରେ ଲୁଚେନାହିଁ । ଚୋର ଅବଶ୍ୟ ଦିନେ ଧରାପଡେ । ଅସତୀ ନାରୀ ଅବଶ୍ୟ ତାହାର କାର୍ଯ୍ୟର ସମୁଚିତ ଶାସ୍ତି ଦୁଃଖ, ଅନୁତାପ ଓ ଅପମାନ ପ୍ରାପ୍ତହୋଇ ବଂଶରୁ ବହିଷ୍କୃତ ଓ ସମାଜ ଚ୍ୟୁତହୁଏ । ଏପରି ପାପିଷ୍ଠା ବିଶ୍ୱାସଘାତକୀ ନାରୀକୁ ସମସ୍ତେ କାଳସର୍ପ ତୁଲ୍ୟ ଦେଖନ୍ତି ।

ନାରୀ ମାନଙ୍କର ଇନ୍ଦ୍ରିୟ ସଂଯମ କରିବା ଉଚିତ । ଶରୀରର ଚକ୍ଷୁ କର୍ଣ୍ଣାଦି ଇନ୍ଦ୍ରିୟମାନେ ଅସତ୍ପଥେ ଯଥେଚ୍ଛା ଗମନ କରି ମାନବକୁ ପାପ ଗହ୍ୱରରେ ନିପତିତ କରନ୍ତି । ଇନ୍ଦ୍ରିୟମାନେ ଶରୀର ଗାଡ଼ିର ଅଶ୍ୱ ସ୍ୱରୂପ । ଏମାନଙ୍କୁ ମନ-ରଜ୍ଜୁଦ୍ୱାରା ନ ଚଳାଇଲେ ବିପଦ କ୍ଷଣେ୨ । ଯେ ଇନ୍ଦ୍ରିୟ ମାନଙ୍କର ଦାସ ତାହାର ଜୀବନରେ ମଙ୍ଗଳ ନାହିଁ । ସାଧ୍ୱୀନାରୀ ଇନ୍ଦ୍ରିୟମାନଙ୍କୁ ଆପଣାର ଆୟତ୍ତରେ ରଖେ । ଷଡ଼ରିପୁ ମାନଙ୍କ ମଧ୍ୟରେ କାମ ଓ ଲୋଭ ପରମ ଶତ୍ରୁ, ଏହି ଦୁଇ ଶତ୍ରୁକୁ ଦମନ ନକଲେ ଶରୀର ଗୃହ ସେମାନଙ୍କ ଦ୍ୱାରା ଲୁଣ୍ଠିତ ଓ ଛାରଖାର ହୁଏ । କାମ ସର୍ବଦା ଉପସ୍ଥିତ ହୁଏନାହିଁ, କ୍ଷଣକ ନିମନ୍ତେ ଉପସ୍ଥିତ ହୁଏ-ସେହି କ୍ଷଣକ ଦମନ କରି ନପାରିଲେ ମନୁଷ୍ୟ ଓ ପଶୁ ମଧ୍ୟରେ କିଛି ପ୍ରଭେଦ ରହେ-ନାହିଁ । ଲୋଭ ଅତି ପ୍ରଲୋଭନ ବିଷୟ । ଏହଦ୍ୱାରା ଅନେକ ସ୍ତ୍ରୀର ସତୀତ୍ୱ ନଷ୍ଟହୁଏ । ପ୍ରାଣ ଯାଉ ତାହା ସ୍ୱୀକାର, ତଥାପି ପ୍ରଲୋଭନରେ ବଶୀଭୂତ ହେବାର ଉଚିତ ନୁହେ । ପିତା, ଭ୍ରାତା, ସ୍ୱାମୀଦତ୍ତ ଦ୍ରବ୍ୟ ଛଡା ଅନ୍ୟ କୌଣସି ଦତ୍ତ ଦ୍ରବ୍ୟ ସ୍ପର୍ଶ କରିବ ନାହିଁ । କାମ କିମ୍ବା ଲୋଭ ଉପସ୍ଥିତ ହେଲେ ତତ୍‌କ୍ଷଣାତ୍ ସାବଧାନ ହୋଇ ନିଜର ପବିତ୍ରତା ରକ୍ଷା ହେବାର ଉପାୟ ଉଦ୍ଭାବନ କରିବ, ତେବେହେଲେ

GPNanda Colln., Digitized by srujanika@gmail.com

ଧର୍ମ ଅପେକ୍ଷା ମନୋନିବେଶ କରି ଧର୍ମ ବୁଦ୍ଧି ଦ୍ୱାରା ସେମାନଙ୍କୁ ଶାସନ କରିବ । ଧର୍ମବିରୁଦ୍ଧ ଆଚରଣରେ ଈଶ୍ୱରଙ୍କର ଅବମାନନା ହୁଏ । ଧନବାନ୍ ବ୍ୟକ୍ତିର ରୂପ କିମ୍ବା ଗୁଣ ଆଲୋଚନା କରିବ ନାହିଁ । କାହାର ପ୍ରତି ଛଳ ମାତ୍ର ଘୃଣାଭାବ ପ୍ରକାଶ କରିବ ନାହିଁ । କେହି ପାପ ଦୃଷ୍ଟିରେ ଦେଖିଲେ କି ପାପଭାବ ପ୍ରକାଶ କଲେ ପ୍ରଚଣ୍ଡ ମୂର୍ତ୍ତି ଧାରଣ କରିବ । ସେପରି ବ୍ୟକ୍ତିକୁ କୌଣସି ବାକ୍ୟ କହିବାକୁ ସାହସ କିମ୍ବା ଅବସର ଦେବ ନାହିଁ । ତତ୍‌କ୍ଷଣାତ୍ ସେସ୍ଥାନ ପରିତ୍ୟାଗ କରି ଜନପୂର୍ଣ୍ଣ ସ୍ଥାନକୁ କିମ୍ବା ଯଦି ମାତ୍ର ବହୁ ଜନାକୀର୍ଣ୍ଣ କିମ୍ବା ନିର୍ଜ୍ଜନ ଉପଯୁକ୍ତ ସ୍ଥାନ ପରିତ୍ୟାଗ କରିବା ଉଚିତ । ସଂକ୍ଷେପରେ ଶରୀର, ମନ ଓ କାର୍ଯ୍ୟର ପବିତ୍ରତା ରକ୍ଷା ନିମନ୍ତେ ସ୍ମରଣ ରଖିବ । "ଧର୍ମର ଜୟ ଓ ଅଧର୍ମର ପରାଜୟ" । ପତିବ୍ରତା ସ୍ତ୍ରୀ ପ୍ରକୃତ ସୁଖୀ ଓ ଭାଗ୍ୟବତୀ, ତାହାର ଜନ୍ମ ଗ୍ରହଣ ସାର୍ଥକ ଅଟେ । "ମନୁଷ୍ୟର ଭାର୍ଯ୍ୟା ଅର୍ଦ୍ଧ, ଭାର୍ଯ୍ୟା ଶ୍ରେଷ୍ଠ ସଖା, ଭାର୍ଯ୍ୟା ତ୍ରିବର୍ଗର ମୂଳ (ଧର୍ମ, ଅର୍ଥ, କାମ) ଓ ଭାର୍ଯ୍ୟା ପରିତ୍ରାଣର ମୂଳ" । ସୁତରାଂ ଏହି ଗୁରୁତର ଦାୟିତ୍ୱ ସର୍ବଦା ହୃଦୟରେ ଜାଗରୂକ ରହିବାର ଉଚିତ ।

ପଡୋଶି ପ୍ରତି ବ୍ୟବହାର — ଆକସ୍ମିକ ଘଟଣା ସମୟରେ ପଡୋଶିଠାରୁ ଯେଉଁ ଉପକାର ମିଳେ ଅପର ଠାରୁ ସେପରି ମିଳେ ନାହିଁ । ପଡୋଶିକୁ ତୁମ୍ଭ ଗୃହର ଭଲ ମନ୍ଦ ଅନେକ କଥା ଜଣାଅଛି । ତାହାର ସହିତ ସଦ୍‌ବ୍ୟବହାର ନ କଲେ ତାହା ଦ୍ୱାରା ତୁମ୍ଭର ଅନିଷ୍ଟ ହେବାର ଅସମ୍ଭବ ନୁହେ । ପ୍ରିୟମ୍ବଦା ତାଙ୍କର ପଡ଼ୋଶିର ଅଭାବ ସମୟରେ ଯଥାସାଧ୍ୟ ସାହାଯ୍ୟ କରନ୍ତି । ବିପଦବେଳେ ଧୈର୍ଯ୍ୟ

GPNanda Colln., Digitized by srujanika@gmail.com

ଓ ପରାମର୍ଶ ଦଅନ୍ତି । ଯେତେବେଳେ ସାମାନ୍ୟ ପ୍ରାଣୀଠାରୁ ଉପକାର ମିଳୁଅଛି, ଜଗତର ଶ୍ରେଷ୍ଠତମ ପ୍ରାଣୀ ମାନବ—ତୁମ୍ଭର ପଡ଼ୋଶିଠାରୁ କୌଣସି ସମୟରେ ଉପକାର ନ ମିଳିବ କିଏ କହିପାରେ ?

ଗୃହକାର୍ଯ୍ୟ — ନବୀନ ବାବୁଙ୍କର ସହଧର୍ମ୍ମିଣୀ ଲକ୍ଷ୍ମୀ ଗୃହ କାର୍ଯ୍ୟରେ ଅବହେଳା କରନ୍ତି ନାହିଁ । ସେ ଅତି ପ୍ରାତଃକାଳରୁ ସର୍ବାଗ୍ରେ ଗାତ୍ରୋତ୍ଥାନ କରି ଗୃହର କିଛି ନୈମିତ୍ତିକ କାର୍ଯ୍ୟରେ ମନୋନିବେଶ କରନ୍ତି । ସେ ଗୃହର ଭିତର, ବାହାର ଓ ଦ୍ୱାର ସମାର୍ଜ୍ଜନୀ ନେଇ ପରିଷ୍କାର କରନ୍ତି । ଆବର୍ଜ୍ଜନା ଘର କୋଣରେ ବା ଦ୍ୱାର କୋଣରେ ଜମାକରି ନ ରଖି ଦୂରରେ ନିକ୍ଷେପ କରନ୍ତି । ଦ୍ୱାର ମାନଙ୍କରେ ସଦ୍ୟ ଗୋମୟ ଜଳ ସିଞ୍ଚନ କରି ମାଟି ସେତେ ସଦ୍ୟ ଗୋମୟ ତହିଁର ଚତୁର୍ଥାଂଶ ଏକତ୍ର ମିଶ୍ରିତ କରି ଗୃହର ଚଳକାସ୍ଥ ପିଣ୍ଡା, ଚୂଲି ପ୍ରଭୃତି ସ୍ଥାନ ଲେପନ କରନ୍ତି । ଗୋମୟରେ ଦୁର୍ଗନ୍ଧ ନଷ୍ଟ ହେବାର ଗୋଟିଏ ପ୍ରଧାନ ଗୁଣଅଛି । ଲକ୍ଷ୍ମୀ ସମୁଦାୟ ଗୃହ ଅନ୍ତତଃ ଏକ ସପ୍ତାହ ପରେ ଥରେ ଲେପନ କରନ୍ତି । ତତ୍ପରେ ବାସି କଂସା ବାସନ ପ୍ରଭୃତି ମାଜି ସ୍ନାନକୁ ଯାନ୍ତି । ଅନେକ ସମୟରେ ଅଳନ୍ଧୁ ଭାତ ବ୍ୟଞ୍ଜନ ମାନଙ୍କରେ ପଡ଼ି ତାହା ସବୁ ନଷ୍ଟ କରିଦିଏ, ସୁତରାଂ ସେ ଗୃହାଭ୍ୟନ୍ତରରେ ଅଳନ୍ଧୁ ରଖନ୍ତି ନାହିଁ ଓ ଖାଦ୍ୟ ଦ୍ରବ୍ୟାଦି ଆବୃତ କରି ରଖନ୍ତି, ରନ୍ଧନ ପାତ୍ର ଓ ବାସନାଦି ମାଜିକରି ଯଥାସ୍ଥାନରେ ରଖନ୍ତି । ପାକ ଗୃହରେ ହାଣ୍ଡିଧୁଆ କଳାପାଣି, ଚେଙ୍ଗ, ପଚିବ୍ୟଞ୍ଜ- ପଟେବା କମ୍ପା ମାଛକାଣ୍ଟ ପ୍ରଭୃତି ପକାଇ ଅପରିଷ୍କାର କରନ୍ତି ନାହିଁ । ଯାହା ଅସୁନ୍ଦର ତାହା ଅପରିଷ୍କାର ବିବେଚନା କରି

GPNanda Colln., Digitized by srujanika@gmail.com

ଉତ୍କୃଷ୍ଟରୂପେ ପରିଷ୍କାର କରି ଦିଅନ୍ତି । ସେ ଘର ମଧ୍ୟରେ ନିଷ୍ଠିବନ, ଛର୍ଦ୍ଦି ନିକ୍ଷେପ କରନ୍ତି ନାହିଁ । ଦେୱାଲକୁ ହାତ କାନ୍ଥ ପ୍ରଭୃତି ଯଥେଚ୍ଛା ପୋଛନ୍ତି ନାହିଁ, କିମ୍ବା ଅନ୍ୟକୁ ସେପ-କରାଇ ଦିଅନ୍ତି ନାହିଁ, ଘର ମଧ୍ୟରେ କୌଣସି ମୂଷିକ-ଗର୍ତ୍ତ ଥିଲେ ଲକ୍ଷ୍ମୀ ପଥର ଓ ମାଟିରେ ବନ୍ଦ କରି ଦିଅନ୍ତି । ସେ କନ୍ଥା କିମ୍ବା ଛିଣ୍ଡାକନା ପରିଧେୟ ବସ୍ତ୍ର ସହିତ ଅଥବା ଭୋଜନ-ସ୍ଥାନରେ ରଖନ୍ତି ନାହିଁ । ଖାଦ୍ୟ ପାନାଦିରେ ଯେପରି ଗୋଡ଼-ମୂଷା ନେଣ୍ଡି, ବାଳ କିମ୍ବା କୌଣସି ପୋକ ଦେଖା ନଯାଏ ସେପରି ଦୃଷ୍ଟି ଦେଇଥାନ୍ତି । ଲକ୍ଷ୍ମୀ, ପ୍ରଥମରେ ବାଳକ, ବାଳିକା, ବୃଦ୍ଧ, ବୃଦ୍ଧା ଏବଂ ରୋଗୀମାନଙ୍କର ଯତ୍ନ କରନ୍ତି । ଏକାସରେ ଯେଉଁମାନେ ଭୋଜନରେ ବସିଥାନ୍ତି ନ୍ୟୂନାଧିକ ନକରି ସମସ୍ତଙ୍କୁ ସମାନ କରି ଦିଅନ୍ତି । ଗୃହର ସମସ୍ତେ ଭୋଜନ କରି ସାରିଲେ ଦାସ, ଦାସୀ ମାନଙ୍କର ତତ୍ତ୍ୱ କରି ପରିଶେଷରେ ନିଜେ ଭୋଜନ କରି ବସନ୍ତି । କାହାକୁ ନଦେଇ କୌଣସି ଦ୍ରବ୍ୟ ନିଜପାଇଁ ରଖନ୍ତି ନାହିଁ । ଲକ୍ଷ୍ମୀଙ୍କର ଏହିପରି ଅନେକ ଶିକ୍ଷଣୀୟ ଗୁଣଅଛି । ସେ କାହାର ଦୋଷ କଥା ଅନ୍ୟଠାରେ ପ୍ରକାଶ କରି ଦିଅନ୍ତି ନାହିଁ । କାର୍ଯ୍ୟ ସିଦ୍ଧିପାଇଁ ସେ ଅସତ୍ ଉପାୟ ଅବଲମ୍ବନ କରନ୍ତି ନାହିଁ । ଗୃହ ମଧ୍ୟରେ କାହାରି ସଙ୍ଗେ କେହି ବାଦ ବିସମ୍ବାଦରେ ପ୍ରବୃତ୍ତ ହେଲେ ସେମାନଙ୍କୁ ସମ୍ଭୁଝାଇ ତହିଁରୁ ନିବୃତ୍ତ କରନ୍ତି । ଭୋଜନ ଶେଷରେ କିଛିକ୍ଷଣ ବିଶ୍ରାମ ନେଇ ଘରେ କେଉଁ ଦ୍ରବ୍ୟ ନାହିଁ ତାହା ଦେଖନ୍ତି । କୌଣସି ସାମଗ୍ରୀ ଶେଷହେବା ପୂର୍ବରୁ କର୍ତ୍ତାଙ୍କୁ ଜଣାଇ ଦିଅନ୍ତି । ଗୃହ ସାମଗ୍ରୀ ଯେପରି ଅପଚୟ କିମ୍ବା ଅପହୃତ ନହୁଏ ସେଥିପ୍ରତି ଦୃଷ୍ଟି ଦେଇଥାନ୍ତି । ଚାଉଳ, ଡାଲି, ତେଲ, ଲୁଣ, ବଡ଼ି

GPNanda Colln., Digitized by srujanika@gmail.com

ପ୍ରତ୍ୟେକ ସ୍ୱତନ୍ତ୍ର ପାତ୍ରରେ ରଖନ୍ତି । ଯେତେବେଳେ ଯେପରି ଇଚ୍ଛା ହେଲା, ସେତେବେଳେ ସେହିପରି ଅଦଳ ବଦଳ କରି ରଖନ୍ତି ନାହିଁ । ସମସ୍ତ ସାମଗ୍ରୀ ଶୃଙ୍ଖଳାରୂପେ ରଖନ୍ତି । ଗୃହ ଦେଖି ଗୃହିଣୀର ପରୀକ୍ଷା ହୁଏ । ସେ ରାନ୍ଧିବାକୁ ନେଲାବେଳେ ଚାଉଳ ଓ ଡ଼ାଲି ମାଟି ଗୋଡ଼ ବାଛି ପାଛୋଡ଼ି ମାପିକରି ନିଅନ୍ତି । ଏବଂ କେବେ ଗୋଟାଏ ଅଧିକ କରି ନିଅନ୍ତି ନାହିଁ । ଚାଉଳ ଗୋଟିଏ ପଡ଼ିଗଲେ ଖୁଣ୍ଟିକରି ରଖି ଦିଅନ୍ତି । ଘିଅ ରାନ୍ଧିବା ବେଳେ ଅନେକ ଗୁଡ଼ାଏ କାଷ୍ଠ ବୃଥାରେ ଜାଳି ଦିଅନ୍ତି ନାହିଁ । କାଷ୍ଠ ସରିବ ନାହିଁ ବୋଲି ପ୍ରଚୁର ଡମ୍ବୁ ରଖିଥାନ୍ତି ।

ଘରେ ଯାହାଥାଏ ସେ ଦେଖି ବିଚାରି ଖରଚ କରନ୍ତି । କାରଣ ବିଚାର ନକରି ଖରଚ କଲେ କୁବେର ଭଣ୍ଡାର ହେଲେ ମୁଦ୍ଧା ଅଳ୍ପ ଦିନରେ ଶୂନ୍ୟ ହୋଇଯିବ । ଲକ୍ଷ୍ମୀ ପ୍ରତ୍ୟେକ କାର୍ଯ୍ୟରେ ଆବଶ୍ୟକତାନୁସାରେ ଖରଚ କରନ୍ତି— ଆଡମ୍ବରରେ ଅଧିକ ଖରଚ ନକରି ସ୍ୱଳ୍ପ ବ୍ୟୟରେ ଯେତେ-ଦୂର କାର୍ଯ୍ୟ ସାଧନ ହୋଇପାରେ ସେପରି କରନ୍ତି । କୌଣସି ଦ୍ରବ୍ୟ ଉଧାରି ମିଳିଲେ କିମ୍ବା କୌଣସି ନିସ୍ପ୍ରୟୋଜନୀୟ ପଦାର୍ଥ ସୁଲଭ ମୂଲ୍ୟରେ ମିଳିଲେ ମୁଦ୍ଧା କ୍ରୟ କରନ୍ତି ନାହିଁ । ତାଙ୍କଘରେ ବହୁ ଅର୍ଥ ସଞ୍ଚିତ ଅଛି ତଥାପି ସେ ଏକ ପଇସା ଅପବ୍ୟୟ କରନ୍ତି ନାହିଁ । ଅପବ୍ୟୟୀ ଲୋକ ଋଣଗ୍ରସ୍ତ ହୋଇ ଅର୍ଦ୍ଧମୃତ ତୁଲ୍ୟ ଜୀବନ ଯାପନ କରେ । ଋଣ ଜୋକ ପରି ଯାହାକୁ ଧରିଅଛି ତାହାର ରକ୍ତ ଶୋଷଣ ନ କରି ଛାଡ଼ିବ ନାହିଁ । "ଅର୍ଥ ମାନବର ବାହ୍ୟପ୍ରାଣ" । ଲକ୍ଷ୍ମୀ ନିଜ ଆୟର ଚତୁର୍ଥାଂଶ ସଞ୍ଚୟ କରନ୍ତି । ଅନ୍ୟ ଚତୁର୍ଥାଂଶ ସବୁ

GPNanda Colln., Digitized by srujanika@gmail.com

କାର୍ଯ୍ୟରେ ବ୍ୟୟ କରନ୍ତୁ । ଅବଶିଷ୍ଟ ଅର୍ଦ୍ଧାଂଶ ଗୃହ କାର୍ଯ୍ୟରେ ବ୍ୟୟ କରନ୍ତୁ । ଏହି ହେତୁ ତାଙ୍କର କୌଣସି ସମୟରେ ଅଭାବ ହୁଏନାହିଁ । ସେ ପର୍ବ ପର୍ବାଣୀ ବ୍ରତ ଯଥା ବିଧାନରେ ପାଳନ କରନ୍ତୁ । ତାଙ୍କ ଗୃହରୁ କେବେ ଅତିଥି, ଭିକ୍ଷୁକମାନେ ନିରାଶ ହୋଇ ଫେରି ଯାଆନ୍ତି ନାହିଁ । ଅତଏବ ଲକ୍ଷ୍ମୀଙ୍କୁ ସମସ୍ତେ ଧନ୍ୟ ୨ ବୋଲନ୍ତି । ତାଙ୍କର ଗୃହ ସମ୍ମୁଖରେ ତୁଳସୀ, ଗୋଲାପ, ଯୁଇ, ମଲ୍ଲି ବୃକ୍ଷ ଗୋଟିକେତେ ରୋପିତ ଅଛି । ସେ ନିଜେ ଯତ୍ନ କରି ଶାକ ପତ୍ରର ବଗିଚା କରିଅଛନ୍ତି । ଅତଏବ ସେ ତରକାରୀ କିଣନ୍ତି ନାହିଁ

ସନ୍ତାନ ପାଳନ — ନାରୀମାନଙ୍କର ସନ୍ତାନ ପାଳନ ପ୍ରଧାନ କାର୍ଯ୍ୟ । ସନ୍ତାନର ଶାରୀରିକ ଓ ମାନସିକ ଉନ୍ନତି ମାତା ଉପରେ ନିର୍ଭର କରେ । ସନ୍ତାନର ଶିରା, ପ୍ରଶିରା ପ୍ରଭୃତି ଶରୀର ଯନ୍ତ୍ର ସକଳ ସୂକ୍ଷ୍ମ ଥିବାରୁ ତାହାର ଖାଦ୍ୟ ପାନାଦି ବିଷୟରେ ଯଶୋଦା ଖୁବ ସାବଧାନ ଥାନ୍ତି । ସେ ସନ୍ତାନର ଅତି ଶୈଶବ କାଳରେ କ୍ରନ୍ଦନ ଓ ହସ୍ତ ପଦ ଚାଳନାରୁ କ୍ଷୁଧା ତୃଷା ବୁଝି ପାରନ୍ତି । ସେ ବାରମ୍ବାର ପାନ କରାଇବା କିମ୍ବା ଅନେକ ସମୟ ପର୍ଯ୍ୟନ୍ତ ପାନ ନ କରାଇବା ଅହିତ-କର ବୋଲି କହନ୍ତି । ଅନେକ ମାତା ^ ^ନ ଦୋଷରୁ ସେମାନଙ୍କର ସନ୍ତାନ ମାନଙ୍କୁ ହଇରି ମର୍ମାନ୍ତିକ ଯାତନା ଭୋଗ କରନ୍ତି । ଅତଏବ ସନ୍ତାନ ସାମାନ୍ୟ ରୋଗରେ ଆକ୍ରାନ୍ତ ହେଲେ ସୁଦ୍ଧା ସେ ଚିକିତ୍ସାରେ ରଖି ଯତ୍ନରେ ନାସ୍ତି ସାବ-ଧାନ ହୁଅନ୍ତି । ଯେପରି ସେ ଜଳ, ବାୟୁ, ବସ୍ତ୍ର ଖାଦ୍ୟ-ପାନା-ଦିରେ ନିଜେ ଯେପରି ସାବଧାନ ହୁଅନ୍ତି, ସନ୍ତାନକୁ ମଧ୍ୟ ସେପରି ସାବଧାନରେ ରଖନ୍ତି ।

GPNanda Colln., Digitized by srujanika@gmail.com

ସନ୍ତାନ ଅଣ୍ଠୁଭରି ଦେଇ ଚାଲି ପାରିଲେ ସମ୍ମୁଖରେ ଯାହା ଦେଖେ ତାହା ମୁଖ ମଧ୍ୟରେ ଭର୍ତ୍ତି କରିଦିଏ, ସୁତରାଂ ସେ ସ୍ଥଳ ପ୍ରାଙ୍ଗଣରେ କୌଣସି ଦ୍ରବ୍ୟ ପକାଇ ରଖନ୍ତୁ ନାହିଁ । ସନ୍ତାନ ଅଳ୍ପ ଅଳ୍ପ କଥା କହିବାକୁ ଆରମ୍ଭ କଲାବେଳେ ଯାହା-ଠାରୁ ଯାହା ଶୁଣେ ତାହା ଅନୁକରଣ କରେ, ଏଣୁ ସେତେ-ବେଳେ ଯେପରି ତାହାର ମୁଖରୁ ଅଶ୍ଳୀଳ ଶବ୍ଦ ନିଃସୃତ ନ ହୁଏ ତତ୍ପ୍ରତି ସେ ଦୃଷ୍ଟି ଦେଇଥାନ୍ତୁ । ସନ୍ତାନ କ୍ରନ୍ଦନ କଲେ ଯଶୋଦା ତହିଁରୁ ନିବୃତ୍ତି କରିବା ପାଇଁ ଭୂତ, ବାଘ ପ୍ରଭୃତି କହି ଭୟ ନ ଦେଖାଇ ତାହାର କ୍ରନ୍ଦନର କାରଣ ନିର୍ଣ୍ଣୟ କରନ୍ତୁ । ଶିଶୁ ଉଦର ବା ଶରୀରର କୌଣସି ଅଙ୍ଗକୁ ବାରମ୍ବାର ହାତ ନେଇ କ୍ରନ୍ଦନ କଲେ ସେହି ଅଙ୍ଗରେ ତାହାର ପୀଡ଼ା ହୋଇଅଛି ବୋଲି ଜାଣି ପାରିବ । ବାରମ୍ବାର ମାତାର ବଦନକୁ ଅନାଇଁଲେ କ୍ଷୁଧା ତୃଷା କିମ୍ବା ଗଳାରେ ପୀଡ଼ା ହୋଇ ଥିବାର ଜଣାଯିବ । ମାତା ସନ୍ତାନର କୌଣସି ଅଙ୍ଗରେ ହାତ ଟିକେ ଜୋରରେ ବୁଲାଇଲେ ଯଦି, ସନ୍ତାନ କ୍ରନ୍ଦନ କରି ଉଠେ ସେହି ଅଙ୍ଗରେ ବେଦନା ହେଉଅଛି ଜାଣି ପାରିବ । ସନ୍ତାନର ଦୈନିକ ମଳ ଦେଖି ସୁସ୍ଥାସୁସ୍ଥ ଜଣା-ପଡେ । ଅଧିକାଂଶ ସନ୍ତାନର ମଳ ରୋଧ ହେଲେ ଜ୍ୱର, ଉଦରପୀଡ଼ା, ଶୂଳ, ଚିହ୍ନଥା, କସୁ ଇତ୍ୟାଦି ହୁଏ । ଶିଶୁର କ୍ଷୁଧା ନଥିଲେ ଆହାର କରିବାକୁ ଇଚ୍ଛା କରେନାହିଁ । ଏପରି ଅବସ୍ଥାରେ ଜୋର କରି ଖୁଆଇବ ନାହିଁ । ସନ୍ତାନ ବାଲ୍ୟ କାଳରେ ଯେଉଁ ଶିକ୍ଷା କରେ ତାହା ଆଜୀବନ ରହେ, ସୁତରାଂ ସେ ସନ୍ତାନର ସାକ୍ଷାତରେ କାହାକୁ ମିଥ୍ୟା କଥା କହନ୍ତୁ ନାହିଁ, କିମ୍ବା ଗାଳି ଦିଅନ୍ତୁ ନାହିଁ । ସେ ସନ୍ତାନ ହାତରେ

GPNanda Colln., Digitized by srujanika@gmail.com

ଗଣ୍ଡେ ବାଡ ଦେଇ ପିଆଇ ଶିଖାନ୍ତି ନାହିଁ । ଅଧିକ କି ଯଶୋଦା ଜଣେ ଦୃଷ୍ଟାନ୍ତ ସ୍ୱରୂପା ହୋଇ ସନ୍ତାନକୁ ଶିକ୍ଷା ଦିଅନ୍ତି । ସନ୍ତାନ ପ୍ରତି ନିର୍ଦ୍ଦୟ କିମ୍ବା ଅତି ବାତ୍ସଲ୍ୟ ବ୍ୟବହାର କରନ୍ତି ନାହିଁ । ସନ୍ତାନକୁ ଭୀତ ଭାବେ ରଖିବାକୁ ଯତ୍ନ କରନ୍ତି ନାହିଁ—ତାହାର ଯେଉଁ ତେଜ ଓ ଉତ୍ସାହ ଅଛି ତହିଁରେ ବାଧା ଦିଅନ୍ତି ନାହିଁ ମାତ୍ର ସନ୍ତାନ କେତେବେଳେ କଣ କରୁଅଛି ତାହାର ଅଜ୍ଞାତରେ ଦୃଷ୍ଟି ଦେଇଥାନ୍ତି । ବାଳକ ବାଳିକାମାନେ ବେଙ୍ଗ, କୁକୁଲାସ, ପ୍ରଜାପତି ମାନଙ୍କୁ ଅନେକ କଷ୍ଟ ଦିଅନ୍ତି, କ୍ଷୁଦ୍ର ପ୍ରାଣୀ ମାନଙ୍କ ପ୍ରତି ଏପରି ନିର୍ଦ୍ଦୟ ବ୍ୟବହାର ନ କରିବାକୁ ସେ ସନ୍ତାନ ମାନଙ୍କୁ ଧୀର ଭାବରେ ବୁଝାଇ ଦିଅନ୍ତି । ସନ୍ତାନ ଯେତେବେଳେ ଯାହା ପଚାରେ ଯଶୋଦା ବିରକ୍ତ ନ ହୋଇ ପ୍ରକୃତ ଉତ୍ତର ଦିଅନ୍ତି ।

ଦାସ ଦାସୀ ମାନଙ୍କ ପ୍ରତି ବ୍ୟବହାର——

ରଙ୍ଗଲତା ବାନ୍ତୁ୨ ଘଛରୁଶ ଦାସ, ଦାସୀ ରଖି ଅଛନ୍ତି । ସେ ସେମାନଙ୍କ ପ୍ରତି ନିର୍ଦ୍ଦୟ କିମ୍ବା ଅଧିକ ମମତା ପ୍ରକାଶ କରନ୍ତି ନାହିଁ । ସେମାନଙ୍କର ବେତନ ଅଗ୍ରୀମ ଦେଲେ ସେମାନେ ଉତ୍ତମ କାର୍ଯ୍ୟ କରନ୍ତି ନାହିଁ ବୋଲି ପ୍ରତି ମାସ ଶେଷରେ ଦିଅନ୍ତି, କୌଣସି ମୂଲ୍ୟବାନ ବସ୍ତୁ ସେ ବାହାରେ ପକାଇ ରଖନ୍ତି ନାହିଁ । ଅଜି ଯେ ବିଶ୍ୱାସୀ ହୁଏତ କାଲି ସେ ଅବିଶ୍ୱାସୀ ହୋଇପାରେ । ଅତଏବ ସେ ଦୁଇ ଚାରି ପଇସା କିମ୍ବା କୌଣସି ସାମାନ୍ୟ ଦ୍ରବ୍ୟ ସେମାନଙ୍କର ଅଜ୍ଞାତ ସାରରେ ପକାଇ ରଖି ସେମାନଙ୍କୁ ମଧ୍ୟେ୨ ପରୀକ୍ଷା କରନ୍ତି । ସେମାନଙ୍କ ଦ୍ୱାରା ବଜାରରୁ କୌଣସି ଦ୍ରବ୍ୟ କ୍ରୟକରି ଅଣାଇଲେ ସେ ସବୁ ଦ୍ରବ୍ୟ ଉଚିତ ମୂଲ୍ୟରେ ଅସିଅଛି କିନା ଉତ୍ତମ

GPNanda Colln., Digitized by srujanika@gmail.com

ରୂପେ ବିବେଚନା କରି ଦେଖନ୍ତି । ସେ ପରି କୌଣସି ଦିବସ ମାନଙ୍କରେ କିଛି୨ ଦିଅନ୍ତି ଏବଂ ସନ୍ତୋଷ ଜନକ କାର୍ଯ୍ୟ ଦେଖି ପୁରାତନ ବସ୍ତ୍ର ପ୍ରଦାନ କରି ସେମାନଙ୍କୁ ଉତ୍ସାହିତ କରନ୍ତି । ରଙ୍ଗଲତା ସେମାନଙ୍କର ଅବସ୍ଥାତିରିକ୍ତ ସ୍ୱାଧୀନତା ଦିଅନ୍ତି ନାହିଁ । ଆପଣାର କୌଣସି ପରିଧେୟ ବସ୍ତ୍ର ସେମାନଙ୍କ ବ୍ୟବହାର ନିମନ୍ତେ ଦିଅନ୍ତି ନାହିଁ, ଅଥବା ସେମାନଙ୍କୁ ଏକାସନରେ ଉପବେଶନ କରିବାକୁ ଅନୁମତି ଦିଅନ୍ତି ନାହିଁ । ସେମାନେ ଯେପରି ପରିବାର ବର୍ଗର କାହାର ସଙ୍ଗେ ପରିହାସ କରି ନ ପାରନ୍ତି ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ଦେଇଥାନ୍ତି । ସେ ସାମାନ୍ୟ ଦୋଷରେ କାହାକୁ ବହିଷ୍କୃତ କରି ଦିଅନ୍ତି ନାହିଁ । ଅଧିକ କି ସେ ଦାସ, ଦାସୀ ମାନଙ୍କୁ ସନ୍ତାନ ତୁଲ୍ୟ ଦେଖନ୍ତି । ରଙ୍ଗଲତା ସମୟେ୨ ସେମାନଙ୍କୁ ସଦୁପଦେଶ ପ୍ରଦାନ କରନ୍ତି ଏବଂ ହାଟ ବାଟର ନିରର୍ଥକ କଥା ଗୃହରେ ପ୍ରକାଶ ନ କରିବାକୁ ବିଶେଷ କରି ସାବଧାନ କରି ଦେଇଥାନ୍ତି । ସେ ଦାସ, ଦାସୀ ମାନଙ୍କଠାରୁ ତୋଷାମଦ କଥା କିମ୍ବା କାହାରି ନିନ୍ଦା କଥା ଶୁଣନ୍ତି ନାହିଁ ।

ଗୃହପାଳିତ ପଶୁ ପକ୍ଷୀ ପ୍ରତି ବ୍ୟବହାର—

ଗୋ, ମେଷ, ଛାଗ, କୁକୁର, ଶୁକ, ହଂସ, ପାରାବତ ପ୍ରଭୃତି ପଶୁ ପକ୍ଷୀ ମାନଙ୍କ ଦ୍ୱାରା ଅମ୍ଭମାନଙ୍କର ଅଶେଷ ମଙ୍ଗଳ ସାଧିତ ହେଉଅଛି, ସେମାନଙ୍କ କଥା କହିବା ଶକ୍ତି ନାହିଁ ସତ୍ୟ, ମାତ୍ର ଅମ୍ଭମାନଙ୍କ ପରି କଷ୍ଟାନୁଭବ କରିବାର ଶକ୍ତି ଅଛି । ଅତଏବବୁନାବତୀ ସେମାନଙ୍କ ପ୍ରତି ନିର୍ଦ୍ଦୟ ବ୍ୟବହାର ନ କରି ସେମାନଙ୍କର ବାସସ୍ଥାନ, ଆହାର, ପାନୀୟ ପ୍ରଭୃତି ବିଷୟରେ ବଡ଼ ଯତ୍ନ କରନ୍ତି ।

GPNanda Colln., Digitized by srujanika@gmail.com

ଈଶ୍ୱର ବିଶ୍ୱାସ — ବିଷ୍ଣୁପ୍ରିୟାଙ୍କର ଈଶ୍ୱରଙ୍କଠାରେ ଦୃଢ଼ ବିଶ୍ୱାସ ଥିବାର ଦେଖି ଥରେ ତାଙ୍କର ଜଣେ ସହଚରୀ କହିଲେ "ଭଗ୍ନି! ମୋର ଈଶ୍ୱରଙ୍କ ପ୍ରତି ବିଶ୍ୱାସ ହେଉନାହିଁ, ମୋତେ ଏ ସମ୍ବନ୍ଧେ ଉପଦେଶ ଦେଲେ ବଡ଼ ଉପକୃତ ହେବି"। ବିଷ୍ଣୁପ୍ରିୟା କହିଲେ — ଗୋଟିଏ ବଗିଚାରେ ଗୋଟିକେତେ ଫୁଲ ଅଛି, କିନ୍ତୁ ଫୁଲ ନିର୍ମାଣ କର୍ତ୍ତା ସେଠାରେ ନାହିଁ । ତୁମ୍ଭେ ତାହାକୁ ଦେଖିବାକୁ ନାହିଁ ବୋଲି କଣ କେହି ସ୍ୱୀକାର କରନାହିଁ ବୋଲି କହିବ? ନିର୍ମାଣ କର୍ତ୍ତା ଅବଶ୍ୟ ଅଛନ୍ତି। ସେପରି ଏହି ବିଶାଳ ଜଗତ ଆଡ଼କୁ ଦୃଷ୍ଟି କରି ନିବିଷ୍ଟ ମନରେ ବିବେଚନା କର, ଏହି ଜଗତ କେତେବଡ଼, ସୂର୍ଯ୍ୟ, ଚନ୍ଦ୍ର, ତାରା ପ୍ରଭୃତି କିପରି ଭାବରେ ଅଛନ୍ତି । କେତେପ୍ରକାର ପ୍ରାଣୀ, କେତେପ୍ରକାର ବୃକ୍ଷ ଲତା, କେତେପ୍ରକାର ଧାତୁ ଦ୍ରବ୍ୟ ଅଛି। ଦିନ ପରେ ରାତି, ରାତି ପରେ ଦିନ, ଗୋଟିଏ ଋତୁ ପରେ ଅନ୍ୟ ଗୋଟିଏ ଋତୁ, ନିୟମାନୁସାରେ ହେଉଅଛି — ଜଗତର ସମସ୍ତ ବିଷୟ ସୁଶୃଙ୍ଖଳା ରୂପେ ଚାଲୁଅଛି। ମଧୁମକ୍ଷିକାର ମଧୁଚକ୍ର, ପିମ୍ପି-ଳିକାର ବସା, ଏହିପରି ଅନେକ ପ୍ରାଣୀର ବିଚିତ୍ର କାର୍ଯ୍ୟ, ମାନବର ଜ୍ଞାନ ଓ କୌଶଳ କେତେ ଆଶ୍ଚର୍ଯ୍ୟ ଅଟେ। ପ୍ରକାଣ୍ଡ ଶାନ୍ତ ଜଗତ ଆଡ଼କୁ ଦୃଷ୍ଟିକଲେ କିଏ ଆଶ୍ଚର୍ଯ୍ୟ ନ ହେବ? ଏହି ସମୁଦାୟର ଜଣେ ସୃଷ୍ଟିକର୍ତ୍ତା ଅବଶ୍ୟ ଅଛନ୍ତି। ତାଙ୍କର ଜ୍ଞାନ ଅନନ୍ତ। ସେ ଆମ୍ଭମାନଙ୍କର ଚକ୍ଷୁକୁ ଦେଖା ଯାଆନ୍ତି ନାହିଁ, ଦେଖ ପ୍ରାତଃକାଳରେ ଅରୁଣ ସୂର୍ଯ୍ୟଙ୍କୁ ତୁମ୍ଭେ ଦେଖି ପାରୁ-ଅଛ—ମଧ୍ୟାହ୍ନ ସମୟେ ସେ ପ୍ରଖର ତେଜ ବିଶିଷ୍ଟ ହେଲେ ଆଉ ଦେଖି ପାରିଲ ନାହିଁ। ମହାପୁରୁଷମାନେ କହି ଅଛନ୍ତି

GPNanda Colln., Digitized by srujanika@gmail.com

ଈଶ୍ୱରଙ୍କର ତେଜ କୋଟି କୋଟି ସୂର୍ଯ୍ୟରୁ ଅଧିକ , ସୁତରାଂ ଆମ୍ଭେମାନେ ତାହାଙ୍କୁ ଚକ୍ଷୁରେ ଦେଖିବାକୁ ସକ୍ଷମ ନୋହୁଁ ମାତ୍ର ସାଧୁମାନେ ତାଙ୍କୁ ଜ୍ଞାନ ଚକ୍ଷୁରେ ଅନ୍ତପ୍ରତ୍ୟକ୍ଷ, ଚୈତନ୍ୟ ଏବଂ ଶକ୍ତିରୂପରେ ଦେଖି ପାରନ୍ତି ।

ନିଜର ଶରୀର ଆଡ଼କୁ ଦୃଷ୍ଟି କର, ମୁଖ, ଚକ୍ଷୁ, କର୍ଣ୍ଣ, ନାସିକା ପ୍ରଭୃତି ଇନ୍ଦ୍ରିୟ ସବୁ ଯଥା ସ୍ଥାନରେ ଯଥା ଅକା-ରରେ ସନ୍ନିବେଶିତ ହୋଇଅଛି ।

ପୀଡ଼ିତ କି ଦରିଦ୍ର ହେଲେ , ଈଶ୍ୱର ଆମ୍ଭମାନଙ୍କୁ ନିଗ୍ରହ କଲେ ବୋଲି ତାହାଙ୍କୁ ବୃଥା ନିନ୍ଦା କରୁଁ , ମାତ୍ର ସେ କଦାପି ନିଗ୍ରହ କରନ୍ତି ନାହିଁ । ଆମ୍ଭମାନଙ୍କର କାର୍ଯ୍ୟାନୁସାରେ ସେ ଦଣ୍ଡ କି ପୁରସ୍କାର ଦିଅନ୍ତି । ଅସାବଧାନତା ଯୋଗୁଁ ଆମ୍ଭେମାନେ ପୀଡ଼ିତ ହେଉଁ , ଭବିଷ୍ୟତକୁ ଏପରି ଅସା-ବଧାନ ନ ହେବା ପାଇଁ ତହିଁରୁ ଏହି ଶିକ୍ଷା ମିଳୁଅଛି । ଈଶ୍ୱର ଯାହା କରନ୍ତି ଆମ୍ଭମାନଙ୍କ ମଙ୍ଗଳ ନିମନ୍ତେ କରନ୍ତି । ଗୋଟିଏ ଗଳ୍ପ ଶୁଣ :— ଥରକରେ ଜଣେ ରାଜା ଖଣ୍ଡେ ଛୁରୀ ନେଇ କଲମ ତିଆର କରୁଁ ଗୋଟିଏ ଅଙ୍ଗୁଳି କାଟି ଦେଲେ । ସେହି ଯନ୍ତ୍ରଣା ବେଳେ ରାଜା ମନ୍ତ୍ରି ଆଡ଼କୁ ଚାହିଁ କହିଲେ-"ଈଶ୍ୱର କାହିଁକି ମୋର ଏହି ଅନିଷ୍ଟ କଲେ ?" ମନ୍ତ୍ରି ଉତ୍ତର ଦେଲେ " ଈଶ୍ୱର ଏହା ମଙ୍ଗଳ ନିମନ୍ତେ କରି ଅଛନ୍ତି" । ରାଜା ଏଥିରେ ଅସନ୍ତୁଷ୍ଟ ହୋଇ ମନ୍ତ୍ରିକୁ ବଧ କରିବାକୁ ମନସ୍ଥ କଲେ । ଦିନେ ଶିକାର ଖେଳିବା ଛଳରେ ରାଜା ମନ୍ତ୍ରିକୁ ସଙ୍ଗରେ ନେଇ ନିବିଡ଼ ଅରଣ୍ୟକୁ ଗଲେ । ଉଭୟେ ଅଶ୍ୱ ପୃଷ୍ଠରେ ଯାଉଥିଲେ । ରାଜା ମନ୍ତ୍ରିକୁ ଅଶ୍ୱ ପୃଷ୍ଠରୁ ଠେଲି ଦେଇ ଗୋଟିଏ ଗର୍ତ୍ତରେ ପକାଇ ଦେଇ ତହିଁ

GPNanda Colln., Digitized by srujanika@gmail.com

ଉପରେ ଗୋଟାକେତେ ପ୍ରସ୍ତର ଓ କାଷ୍ଠ ଲଦିଦେଇ ବାହାରି ଯାଉଥିଲେ । ସେହି ଅରଣ୍ୟରେ ଏକଦଳ ଦସ୍ୟୁ କାଳିଦେବୀଙ୍କ ଠାରେ ବଳି ଦେବା ନିମିତ୍ତ ଜଣେ ମନୁଷ୍ୟର ଅନୁସନ୍ଧାନ କରୁଥିଲେ । ସେମାନେ ରାଜାଙ୍କୁ ଦେଖି ଧରି କରି ନେଇଗଲେ । ପୂଜା ଶେଷରେ ବଳି ଦେବାପାଇଁ ସେମାନଙ୍କନିୟମାନୁସାରେ ସମସ୍ତ ଅଙ୍ଗ, ପ୍ରତ୍ୟଙ୍ଗ ପୂର୍ଣ୍ଣ ଅଛି କିନା ବୋଲି ରାଜାଙ୍କର ଶରୀର ପରୀକ୍ଷା କଲେ । ଗୋଟିଏ ଛିନ୍ନ ଅଙ୍ଗୁଳି ଦେଖି ବଳିର ଅଯୋଗ୍ୟ ବିବେଚନା କରି ତାହାଙ୍କୁ ଛାଡ଼ିଦେଲେ, "ଈଶ୍ବର ସର୍ବଦା ମଙ୍ଗଳ କରନ୍ତି" ଏହି ବାକ୍ୟରେ ଏତେବେଳେ ରାଜାଙ୍କର ବିଶ୍ବାସ ହେଲା । ସେ ଅନନ୍ତ ବିଳମ୍ବରେ ମନ୍ତ୍ରିଙ୍କୁ ସେହି ଗର୍ତ୍ତରୁ ଉତ୍ତୋଳନ କରି କ୍ଷମା ପ୍ରାର୍ଥନା କଲେ । ମନ୍ତ୍ରି କହିଲେ ମୋର ମଙ୍ଗଳ ନିମନ୍ତେ ଈଶ୍ବର ମୋତେ ଗର୍ତ୍ତରେ ଆଶ୍ରୟ ଦେଇଥିଲେ ନଚେତ୍‌ ଦସ୍ୟୁମାନେ ମୋତେ ପୂର୍ଣ୍ଣାବୟବ ଦେଖି ନିଶ୍ଚୟ ବଳି ଦେଇଥାନ୍ତେ । "ଈଶ୍ବର ସକଳ ଅବସ୍ଥାରେ ସମସ୍ତଙ୍କର ମଙ୍ଗଳ କରନ୍ତି" ସେମାନେ ଏହିବାକ୍ୟ ଆବୃତ୍ତି କରି୨ ଦୁର୍ଗକୁ ପ୍ରତ୍ୟାଗମନ କଲେ । ଈଶ୍ବର କେତେବେଳେ କେଉଁ ଉଦ୍ଦେଶ୍ୟରେ କଣ କରନ୍ତି ତାହା ଅମ୍ଭେମାନେ ବୁଝିବାକୁ ଅକ୍ଷମ । ତଥାପି ଏତିକି ଦୃଢ଼ ବିଶ୍ବାସ କରିବ ଯେ ସେ ଆମ୍ଭମାନଙ୍କର ମଙ୍ଗଳ କରୁଅଛନ୍ତି । ଈଶ୍ବରଙ୍କର ପ୍ରିୟ କାର୍ଯ୍ୟ ସାଧନ କରିବା ଆମ୍ଭମାନଙ୍କର ଜୀବନର ପ୍ରଧାନ ଉଦ୍ଦେଶ୍ୟ । ସେ ପୂର୍ଣ୍ଣ ପବିତ୍ର, ପୂର୍ଣ୍ଣ ଜ୍ଞାନବାନ ଏବଂ ସକଳ ଗୁଣର ଆଧାର । ସେ ସତ୍ୟ, ମଙ୍ଗଳମୟ, ଏବଂ ସୌନ୍ଦର୍ଯ୍ୟ ସାଗର । ତାହାଙ୍କୁ ଅବଲମ୍ବନ କଲେ ଆମ୍ଭମାନଙ୍କର ହୃଦୟରେ ସତ୍‌କାର୍ଯ୍ୟ କରିବାକୁ ଉତ୍ସାହ ଓ ସାହସ ହେବ ଏବଂ ଜୀବନ ଚରିତାର୍ଥ ହେବ ।

GPNanda Colln., Digitized by srujanika@gmail.com

୫ମ ଅଧ୍ୟାୟ ।

ଆଦର୍ଶ ରମଣୀ ।

ସୀତା ।

ଅଯୋଧ୍ୟାଧିପତି ଦଶରଥ ମହାରାଜାଙ୍କର ପୁତ୍ର-ବଧୂ, ରାଜର୍ଷି ଜନକ ଋଷିଙ୍କର କନ୍ୟା ଏବଂ ଭଗବାନ ଶ୍ରୀରାମ-ଚନ୍ଦ୍ରଙ୍କର ପତ୍ନୀ ସୀତା ସତୀଙ୍କର ନାମ କାହାକୁ ଅଜଣା ନାହିଁ । ତାଙ୍କର ସବିଶେଷ ବିଷୟ ରାମାୟଣରେ ବର୍ଣ୍ଣିତ ଅଛି । ସୀତା ପତିବ୍ରତା ଥିବାରୁ ତାଙ୍କର ନାମ ଜଗତ ଚିରକାଳ ଘୋଷୁଅଛି । ଯେତେବେଳେ ଦଶରଥ କୈକେୟୀ ରାଣୀଙ୍କର କୁମନ୍ତ୍ରଣାରେ ପଡ଼ି ଶ୍ରୀରାମଚନ୍ଦ୍ରଙ୍କୁ ଚତୁର୍ଦ୍ଦଶ ବର୍ଷ ଦଣ୍ଡକା-ରଣ୍ୟକୁ ଯିବାକୁ ଆଦେଶ ଦେଲେ ତେତେବେଳେ ସୀତା ବନ ଗମନୋଦ୍ୟତା ହୋଇ ଶ୍ରୀରାମଚନ୍ଦ୍ରଙ୍କୁ ବିନମ୍ର ବାକ୍ୟରେ କହିଲେ—"ପ୍ରାଣନାଥ ! ପିତା, ମାତା, ଭ୍ରାତା, ପୁତ୍ର ସମସ୍ତେ ଆପଣା୨ କର୍ମଫଳ ଭୋଗ କରନ୍ତି କିନ୍ତୁ ପତ୍ନୀ ପତିର ଭାଗ୍ୟଫଳ ଭୋଗକରେ । ସ୍ୱାମୀ ସ୍ତ୍ରୀ ମାନଙ୍କର ଗତି ଓ ମୁକ୍ତିଦାତା, ଭୋଗ୍ୟ ବସ୍ତୁ ସକଳ ଅପେକ୍ଷା ସ୍ୱାମୀ-ଚରଣ-ଛାୟା-ଆଶ୍ରୟ ଅଧିକ ଆନନ୍ଦ ଦାୟକ । କି ସମ୍ପଦ କି ବିପଦ ସକଳ ଅବ-ସ୍ଥାରେ ସ୍ୱାମୀର ଅନୁସରଣ କରିବା ଉଚିତ । ସ୍ୱର୍ଗସୁଖ

GPNanda Colln., Digitized by srujanika@gmail.com

ଅପେକ୍ଷା ପତିସେବା ଶ୍ରେଷ୍ଠତର । ଅତଏବ ତୁମ୍ଭ ସଙ୍ଗେ ଅରଣ୍ୟକୁ ଯିବି । ତୁମ୍ଭର ଆହାର ଶେଷରେ ବନ୍ୟଫଳ ମୂଳ ଆନନ୍ଦ ମନରେ ଭକ୍ଷଣ କରିବି" ।

ରାମଚନ୍ଦ୍ର ଧର୍ମପରାୟଣା ପତ୍ନୀର ଏପରି ବାକ୍ୟଗୁଡ଼ି କହିଲେ—ସୀତେ! ତୁମ୍ଭେ ଘରରେ ଥାଇ ମୋର ପ୍ରତ୍ୟାଗମନ ପ୍ରତୀକ୍ଷାରେ ରହି ଧର୍ମ କାର୍ଯ୍ୟକର । ବନବାସ ଅତ୍ୟନ୍ତ କ୍ଲେଶ ଦାୟକ । ସେଠାରେ ଲେଶ ମାତ୍ର ସୁଖନାହିଁ । ହିଂସ୍ର ପଶୁମାନେ ଇତସ୍ତତଃ ଭ୍ରମଣ କରୁଥାନ୍ତି, ବନପଥ କଣ୍ଟକ ଜାଲରେ ଜଡ଼ିତ, ପାନୀୟ ଜଳ ଦୁଷ୍ପ୍ରାପ୍ୟ, ବୃକ୍ଷରୁ ପତିତ ଫଳ ଭକ୍ଷଣ କରି କ୍ଷୁଧା ନିବାରଣ କରାଯାଏ । ଅତଏବ ବନବାସ ଗମନରୁ କ୍ଷାନ୍ତ ହୁଅ ।

ସୀତା କହିଲେ—ତୁମ୍ଭେ ମୋତେ ପରିତ୍ୟାଗ କରି ଚାଲିଗଲେ ମୁଁ ପ୍ରାଣ ଧାରଣ କରି ପାରିବି ନାହିଁ-ବନବାସ କ୍ଲେଶକର ହେଲେ ସୁଦ୍ଧା ତୁମ୍ଭର ପରିଚର୍ଯ୍ୟା କରି ପାରିଲେ ମୋର ସୁଖର ସୀମା ରହିବ ନାହିଁ । ତୁମ୍ଭେ ବନରୁ ଯେଉଁ ଫଳ ମୂଳ ଆଣିଦେବ ମୋର କଣ୍ଠରେ ତାହା ଅମୃତରୁ ଅଧିକ ହେବ, ତୁମ୍ଭର ସଙ୍ଗରେ ଥିଲେ ସ୍ୱର୍ଗସୁଖ ଓ ବିଚ୍ଛେଦରେ ନରକ କଷ୍ଟ ବୋଧହୁଏ । ରାମଚନ୍ଦ୍ର ସୀତାଙ୍କର ଏପରି କରୁଣ ପ୍ରାର୍ଥନା ଶ୍ରବଣ କରି ସଙ୍ଗରେ ନେବାକୁ ସ୍ୱୀକୃତ ହେଲେ ।

ଗ୍ରୀଷ୍ମ କାଳରେ ଯେତେବେଳେ ପ୍ରାଣୀମାନେ ଜଳ ଅଭାବରେ ଅର୍ଦ୍ଧମୃତ ତୁଲ୍ୟ ହୋଇ ପଡ଼ନ୍ତି । ଯେତେବେଳେ ଝଞ୍ଜାବାତ ଚତୁର୍ଦ୍ଦିଗ ଧୂଳି ପୂର୍ଣ୍ଣ କରିଦିଏ-ସୂର୍ଯ୍ୟ ପ୍ରଚଣ୍ଡ ତେଜ ଦେଉଥାନ୍ତି, ସେତେବେଳେ ସୀତା ପତି-ପଦ ସେବାକରି ନିଜକୁ ଭାଗ୍ୟବତୀ ମଣୁଥାନ୍ତି ।

GPNanda Colln., Digitized by srujanika@gmail.com

ବର୍ଷାକାଳରେ ଯେତେବେଳେ ପୃଥିବୀ ଜଳମୟ ହୋଇଯାଏ, ବିଦ୍ୟୁତ୍ ଘଡ଼୍ ଘଡ଼୍ ଶବ୍ଦକରି ପ୍ରାଣୀମାନଙ୍କୁ ଆତଙ୍କ କରେ, ସହସ୍ର ସହସ୍ର ମଶକ ଦଂଶନ କରି ଅସହ୍ୟ ଯନ୍ତ୍ରଣା ଦିଅନ୍ତି, ତେତେବେଳେ ପତିବ୍ରତା ସୀତା ପତି ସେବାରେ ଅନନ୍ଦିତା ହେଉଥାନ୍ତି ।

ଶୀତ କାଳରେ ଯେତେବେଳେ ପୃଥିବୀ ଶିଶିରରେ ଆଚ୍ଛାଦିତ ହୁଏ—ଶୀତରେ ଗରିବ ମାନଙ୍କର ଅଙ୍ଗ ଓ ମୁଣ୍ଡ ଏକାଠି ହୋଇଯାଏ, ତେତେବେଳେ ସୀତା ଅଯୋଧ୍ୟାର ବାସସ୍ଥାନ ସୁଖକୁ ବିସ୍ମରଣ କରି ପତି-ସେବାରେ ଅଧିକ ସୁଖାନୁଭବ କରୁଥାନ୍ତି ।

ବସନ୍ତ ଋତୁରେ ଯେତେବେଳେ ପୁଷ୍ପମାନେ ପ୍ରସ୍ଫୁଟିତ ହୋଇ ପୃଥିବୀକୁ ସୁଶୋଭିତ କରନ୍ତି-ମଳୟ ପବନ ଧୀରେ ଧୀରେ ବହି ଚିତ୍ତ ରଞ୍ଜନ କରେ, ତେତେବେଳେ ସୀତା ପତି ସଙ୍ଗରେ ପରମାହ୍ଲାଦିତ ହୋଇ ବନେ ବନେ ଭ୍ରମଣ କରୁଥାନ୍ତି ।

ପଞ୍ଚବଟୀ ବନରେ କୁଟୀରରେ ଏକାକିନୀ ଥିବା ସମୟରେ ଲଙ୍କାଧିପ ଦୁଷ୍ଟ ରାବଣ ତାଙ୍କୁ ବଳ ପୂର୍ବକ ହରାଇ ନେଇ ଲଙ୍କାର ଅଶୋକ ବନରେ ବନ୍ଦିନୀ କରି ରଖିଲା, ତେତେବେଳେ ସୀତା ଯେତେ ବିକଳରେ କାନ୍ଦୁଥାନ୍ତି ତାହା ପ୍ରକାଶ କରିଯାଇ ନପାରେ । ରାକ୍ଷସୀମାନେ କେତେ ପ୍ରଲୋଭନ ଦେଖାଇଲେ, କେତେ ଡରାଇଲେ, ନଚେତ୍ ରାବଣ ତାଙ୍କୁ ସ୍ୱାମୀ ପଦରେ ବରଣ କରିବାକୁ କେତେ ଅନୁନୟ କଲା, କେତେବେଳେ ଅବା ସୀତାଙ୍କ ଅନିଚ୍ଛା ବାକ୍ୟଶୁଣି ହନନ କରିବା ପାଇଁ ଖଡ୍ଗ ଉତ୍ତୋଳନ କରେ, କିନ୍ତୁ ସୀତାଙ୍କର କାହିଁରେ ମନ ଟଳିଲା ନାହିଁ । ତାଙ୍କର ଦ୍ରିଢ଼ମନ୍ତ୍ର, ପତି

GPNanda Colln., Digitized by srujanika@gmail.com

ପିତା, ପତି ମାତା, ପତି ବନ୍ଧୁ, ପତିସ୍ୱର୍ଗ । ତାଙ୍କର ପତି-ପ୍ରେମ ଓ ପାତିବ୍ରତ୍ୟ ତାହାଙ୍କୁ ସେହି ମୃତ୍ୟୁ-ଭୟ ଏବଂ ପ୍ରଲୋଭନରୁ ରକ୍ଷାକଲା ।

ରାମଚନ୍ଦ୍ର ଯୁଦ୍ଧରେ ରାବଣକୁ ଦକଣରେ ନାଶକରି ସୀତାଙ୍କୁ ଉଦ୍ଧାର କରି ପର ଗୃହବାସ ହେତୁ ସତୀତ୍ୱର ପ୍ରମାଣ ଦେବା-ପାଇଁ ଅଗ୍ନି-ପରୀକ୍ଷା ଦେବାକୁ ଆଦେଶ ଦେବାରୁ ସୀତା ପ୍ରସନ୍ନ ବଦନରେ ତାହା ପାଳନ କଲେ । ବିଶୁଦ୍ଧ ସୁନାକୁ ଅଗ୍ନିରେ ଅଉଟିଲେ ଯେପରି କିଛି ମାତ୍ର କ୍ଷୟ ହୁଏନାହିଁ, ସେପରି ସୀତାଙ୍କର କିଛି ଅନିଷ୍ଟ ହେଲାନାହିଁ ।

ସୀତାଙ୍କର କଷ୍ଟ ଏତିକରେ ଶେଷ ହେଲାନାହିଁ, ରାମଚନ୍ଦ୍ର ଜଣେ ସାମାନ୍ୟ ବ୍ୟକ୍ତି ମୁଖରେ ସୀତା ପରଗୃହରେ ବାସ କରିଥିବା ଦୋଷାବହ ବୋଲି ଶୁଣି ତାହାଙ୍କୁ ବାଲ୍ମୀକି ଋଷିଙ୍କର ଆଶ୍ରମ ନିକଟରେ ପରିତ୍ୟାଗ କଲେ । ସୀତା ଏନେ ସୁଦ୍ଧା ସ୍ୱାମୀଙ୍କୁ ନିନ୍ଦା ନକରି ସମସ୍ତ କଷ୍ଟ ଆପଣାର କପାଳ ଦୋଷରୁ ଘଟିଅଛି ବୋଲି ହୃଦୟକୁ ଶାନ୍ତ୍ୱନା ଦେଉଥିଲେ । ପରିଶେଷରେ ଯେତେବେଳେ ରାମଚନ୍ଦ୍ର ସୀତାଙ୍କୁ ବାଲ୍ମୀକି ଋଷି ଆଶ୍ରମରୁ ଆଣାଇ ପୁନଃ ଜନଗଣ ନିମନ୍ତେ ଆଉଥରେ ପରୀକ୍ଷା ଦେବାକୁ କହିଲେ, ସୀତା ଅତ୍ୟନ୍ତ ଦୁଃଖିତା ହୋଇ ମୂର୍ଚ୍ଛିତା ହେଲେ ଏବଂ ତଦବସ୍ଥାରେ ପ୍ରାଣତ୍ୟାଗ କଲେ ।

GPNanda Colln., Digitized by srujanika@gmail.com

ପାର୍ବତୀ ।

ପାର୍ବତୀ ମହାଦେବଙ୍କର ସହଧର୍ମ୍ମିଣୀ । ପାର୍ବତୀ ରମଣୀ ମାନଙ୍କ ମଧ୍ୟରେ ଅଦ୍ୱିତୀୟା ସୁନ୍ଦରୀ ଥିଲେ ; ତଥାପି ଅପଣାର ସୌନ୍ଦର୍ଯ୍ୟରେ ଗର୍ବିତା ହେଉ ନଥିଲେ । ମହାଦେବ ଶରୀରରେ ଭସ୍ମ ଲେପନ କରି, ଗଳାରେ ହାଡ଼ମାଳା ଏବଂ କଟୀରେ ବ୍ୟାଘ୍ର ଚର୍ମ ପରିଧାନ କରି, ବୃଷର ପିଠିରେ ଚଢ଼ି ଶ୍ମଶାନ ଭୂମିରେ ଭ୍ରମଣ କରୁଥାନ୍ତି-ତାଙ୍କର ସାଂସାରିକ ସୁଖ ସ୍ୱଚ୍ଛନ୍ଦରେ ଆସକ୍ତି ନଥିଲା । ଏହି ହେତୁରୁ ତାଙ୍କର କୌଣସି ଗୃହ ସାମଗ୍ରୀ ଥାଏନାହିଁ । ପାର୍ବତୀ ଖାଦ୍ୟ, ବସ୍ତ୍ର କି ଅଳଙ୍କାର କୌଣସି ଦ୍ରବ୍ୟ ଅଭାବ ହେଲେ ଦୁଃଖିତ ହୁଅନ୍ତି ନାହିଁ । ସେ ମହାଦେବଙ୍କୁ ପ୍ରାଣରୁ ଅଧିକ ମଣୁଥିଲେ । ପାର୍ବତୀ ଦକ୍ଷପତିଙ୍କର କନ୍ୟା । ଏକ ସମୟରେ ଦକ୍ଷପତି ଗୋଟିଏ ଯଜ୍ଞାରମ୍ଭ କରି ସମସ୍ତ ଦେବତା ଓ ମହାଦେବ ବ୍ୟତୀତ ସମସ୍ତ ଜାମାତାଙ୍କୁ ନିମନ୍ତ୍ରଣ କଲେ । ସେ ମହାଦେବଙ୍କୁ ଅସଭ୍ୟ ବୋଲି ନିମନ୍ତ୍ରଣ କଲେନାହିଁ । ସ୍ୱାମୀର ଅପମାନରେ ପାର୍ବତୀଙ୍କର ମନରେ ବଡ଼ କଷ୍ଟହେଲା । ସେ ଯଜ୍ଞ ସ୍ଥଳକୁ ଯାଇ ପିତାଙ୍କୁ ପ୍ରଣାମ କରି କହିଲେ, ପିତଃ ! ଆପଣ ସମସ୍ତଙ୍କୁ ନିମନ୍ତ୍ରଣ କରିଅଛନ୍ତି, କେବଳ ମୋତେ ଓ ମୋର ସ୍ୱାମୀଙ୍କୁ ନିମନ୍ତ୍ରଣ ନକରିବାର କାରଣ କି ? ଦକ୍ଷପତି କହିଲେ ବତ୍ସେ ! ତୋତେ ନିମନ୍ତ୍ରଣ କଲେ ତୋର ସ୍ୱାମୀକୁ ମଧ୍ୟ ନିମନ୍ତ୍ରଣ କରିବାକୁ ପଡ଼ନ୍ତା । ସେ ସର୍ବଦା ହାଡ଼ ପ୍ରଭୃତି ଅପବିତ୍ର ଦ୍ରବ୍ୟ ଧାରଣ କରିଥାଏ । ସେ ଅସଭ୍ୟ ଏଠାକୁ ଆସିଲେ ଅସୁନ୍ଦର ଦିଶନ୍ତା । ଏହି ନିନ୍ଦାବାକ୍ୟ ପାର୍ବତୀଙ୍କର ଅସହ୍ୟ ହୋଇ ଉଠିଲା । ହଠାତ୍ ଭୂମିତଳେ ପଡ଼ିଲା ଓ

GPNanda Colln., Digitized by srujanika@gmail.com

ମୂର୍ଚ୍ଛିତା ହେଲେ । ତାଙ୍କର ପିତା ପ୍ରଭୃତି ସମସ୍ତେ କି ହେଲା କି ହେଲା ବୋଲି ନିକଟକୁ ଆସି ଦେଖିଲେ-ତାଙ୍କର ଶରୀରରୁ ପ୍ରାଣବାୟୁ ଚାଲି ଯାଇଅଛି ।

ମହାଦେବ ମଧ୍ୟ ପାର୍ବତୀଙ୍କୁ ଅଳ୍ପ ସ୍ନେହ କରୁ ନ ଥିଲେ । ଏହି ନିଦାରୁଣ ଦୁଃସଂବାଦ ଶ୍ରବଣ କରି ଯଜ୍ଞସ୍ଥଳକୁ ଆସି ଦକ୍ଷପତିଙ୍କର ମସ୍ତକ ଛେଦନ କଲେ ଏବଂ ପାର୍ବତୀଙ୍କର ମୃତ ଶରୀର ମସ୍ତକୋପରି ଧାରଣ କରି ଭୂମଣ୍ଡଳର ଚତୁର୍ଦ୍ଦିଗକୁ ଭ୍ରମଣ କରିବାକୁ ଲାଗିଲେ । ଦେବତାମାନେ ଅନନ୍ତ ଆଶଙ୍କା କରି ପ୍ରାର୍ଥନା କରିବାରୁ ବିଷ୍ଣୁ ଚକ୍ର ଦ୍ୱାରା ପାର୍ବତୀଙ୍କର ମୃତ ଶରୀର ଖଣ୍ଡ ଖଣ୍ଡ କରି ମହାଦେବଙ୍କଠାରୁ ବିଚ୍ଛିନ୍ନ କଲେ । ପାର୍ବତୀଙ୍କର ଅଙ୍ଗ ପ୍ରତ୍ୟଙ୍ଗ ପତିତ ହୋଇଥିବା ସ୍ଥାନ ମାନଙ୍କରେ ଦେବୀ-ପୀଠସ୍ଥାନ ସକଳ ନିର୍ମିତ ହୋଇଥିବାର କିମ୍ବଦନ୍ତୀ ଅଛି । ପାର୍ବତୀ ଓ ମହାଦେବଙ୍କର ଦାମ୍ପତ୍ୟ ପ୍ରଣୟ ପ୍ରକୃତ ପ୍ରଣୟ ଅଟେ । ଏତାଦୃଶ ପ୍ରଣୟ ପତି-ପତ୍ନୀର ହୃଦୟକୁ ସ୍ୱର୍ଗୀୟ ସୁଖ ଆଣିଦିଏ । ପ୍ରଣୟ ଅସୁନ୍ଦରକୁ ସୁନ୍ଦର-ନୀରସକୁ ସରସ, ଓ କଠିନକୁ କୋମଳ କରେ ଏବଂ କି ଧନୀ କି ନିର୍ଦ୍ଧନୀ ସମସ୍ତଙ୍କୁ ଏକାସନରେ ଉପବେଶନ କରାଏ ।

ଦମୟନ୍ତୀ ।

ନଳ ଦମୟନ୍ତୀ କଥା ସମସ୍ତଙ୍କୁ ଜଣାଅଛି । ଦୈବ-ଦୁର୍ଯୋଗ ବଶତଃ ନଳ ରାଜାଙ୍କୁ ବଡ଼ ବିପଦ ପଡ଼ିଥିଲା । କ୍ରମେ ରାଜ୍ୟ, ଧନ, ଓ ପୁତ୍ର ହରାଇଲେ । ପରିଶେଷରେ ଆଉ କୌଣସି ଉପାୟ ନ ଦେଖି ସସ୍ତ୍ରୀକ ଶ୍ୱଶୁର ରାଜ୍ୟ ଆଡ଼କୁ ଗମନ କଲେ । ଦିନକରେ ପଥ ମଧ୍ୟରେ ସୂର୍ଯ୍ୟାସ୍ତ ହେବାରୁ ଗୋଟିଏ ନିବିଡ଼ ଅରଣ୍ୟରେ ବିଶ୍ରାମ କଲେ । ଦମୟନ୍ତୀ

GPNanda Colln., Digitized by srujanika@gmail.com

ନିଜର ପରିଧେୟ ବସ୍ତ୍ର ନଳ ରାଜାଙ୍କର ବସ୍ତ୍ରସଙ୍ଗେ ଏକତ୍ର ବନ୍ଧନ କରି ପଥକ୍ଲାନ୍ତ ହେତୁ ଶୀଘ୍ର ନିଦ୍ରାଭିଭୂତା ହେଲେ । ରାଜାଙ୍କର ମନରେ କି ଅଜ୍ଞାତ ଭାବ ଉଦୟ ହେଲା—ବନ୍ଧନ ଉନ୍ମୋଚନ କରିବାକୁ ଅକ୍ଷମ ହୋଇ ଶରାସ୍ତ୍ରରେ ଛେଦନ ପୂର୍ବକ ଚାଲିଗଲେ । ଅତି ପ୍ରାତଃକାଳରେ ଦମୟନ୍ତୀଙ୍କର ନିଦ୍ରାଭଙ୍ଗ ହେଲା—ଦେଖିଲେ ପାର୍ଶ୍ୱରେ ରାଜା ନାହାନ୍ତି । ଜଳ ଅଣିବା ପାଇଁ କିମ୍ବା ଅନ୍ୟ କୌଣସି କାର୍ଯ୍ୟରେ ଯାଇ-ଥିବେ ବୋଲି ଉଦ୍ୱିଗ୍ନ ଚିତ୍ତରେ କିଛୁକ୍ଷଣ ଆଗମନ ପ୍ରତୀକ୍ଷା କଲେ । ଉଚ୍ଚୈଃସ୍ୱରରେ ଅନେକ ଡାକିଲେ—ଆଶା ନିରା-ଶାରେ ପରିଣତ ହେଲା । ନଳ ରାଜାଙ୍କର ଆଗମନ ନ ଦେଖି ଦମୟନ୍ତୀଙ୍କର ହୃଦୟ ଅସ୍ଥିର ହେଲା । କି କରିବେ, କେଉଁ ଆଡକୁ ଯିବେ, କିଛି ନିର୍ଣ୍ଣୟ କରି ପାରିଲେ ନାହିଁ । ପୁଣି ଏ କି ବିପଦ ! ପଶ୍ଚାତ୍ ଭାଗରେ ଯମ କିଙ୍କର ତୁଲ୍ୟ ଜଣେ ବ୍ୟାଧ ଗୋଟିଏ ବୃକ୍ଷାନ୍ତରାଳରୁ ହୋ, ହୋ କରି ଉଚ୍ଚ ହାସ୍ୟ କରୁଅଛି !! ଦମୟନ୍ତୀଙ୍କର ଆଉ କଷ୍ଟର ସୀମା ରହିଲା ନାହିଁ । ବିପଦ ଉପରେ ଏହି ଅଭାବନୀୟ ବିପଦ ଦେଖି ଅଧୀର ହୋଇ ଭୂମିତଳେ ମୂର୍ଚ୍ଛିତା ହେଲେ । ସତୀତ୍ୱ ସତୀକୁ ଉଦ୍ଧାର କରେ । ବ୍ୟାଧ ଦମୟନ୍ତୀଙ୍କ ଆଡକୁ ଅଗ୍ରସର ହେବା ସମୟରେ ଗୋଟିଏ କାଳସର୍ପ ତାହାର ପାଦରେ ଦଂଶନ କଲା । କିଛି-କ୍ଷଣ ପରେ ଦମୟନ୍ତୀ ଚେତନା ପାଇ ଦେଖିଲେ, ବ୍ୟାଧ ସର୍ପାଘାତରେ ପ୍ରାଣତ୍ୟାଗ କରିଅଛି । ଦମୟନ୍ତୀ ହୃଦୟକୁ ଟିକେ ଶାନ୍ତନା ଦେଇ ପତି ଉଦ୍ଦେଶ୍ୟରେ ଗମନ କଲେ । ଅତି କଷ୍ଟରେ, ଅନେକ ଦିନ ପରେ, ଚିହ୍ନାଳୟରେ ଉପସ୍ଥିତ ହେଲେ । ତାଙ୍କର ଶରୀର ଚିହ୍ନାଳୟରେ କିନ୍ତୁ ହୃଦୟ ପତି-

GPNanda Colln., Digitized by srujanika@gmail.com

ଠାରେ । ପତି ଚିନ୍ତାରେ ତାଙ୍କର ଶରୀର ଶୀର୍ଣ୍ଣ ଓ ମଳିନ ହୋଇଗଲା । ବିପଦ ଚିରଦିନେ ଥାଏନାହିଁ । ସେମାନଙ୍କ ସୌଭାଗ୍ୟ ରବି ଉଦୟ ହେଲା । ପତି-ପତ୍ନୀ ମିଳନ ହେଲା । ହୃତ-ପୁତ୍ର ପୁନଃପ୍ରାପ୍ତି ହେଲା । ପୁନର୍ବାର ରାଜ୍ୟ, ଧନ ପ୍ରାପ୍ତ-ହୋଇ ସୁଖରେ କାଳ କର୍ତ୍ତନ କଲେ ।

ଚିତୋର-ରାଣୀ ପଦ୍ମିନୀ ।

ଭାରତବର୍ଷର ଉତ୍ତରପଶ୍ଚିମାଞ୍ଚଳରେ ଚିତୋର ନାମକ ଗୋଟିଏ ସୁଦୃଢ଼ ଦୁର୍ଗ ଥିଲା । ପ୍ରାୟ ଛଅଶତ ବର୍ଷ ଗତ ହେଲାଣି ଯବନମାନେ ଅସଂଖ୍ୟ ସୈନ୍ୟ ନେଇ ସେହି ଦୁର୍ଗ ଅବରୋଧ କରିଥିଲେ । କେତେକ ଦିନ ପରେ ଦୁର୍ଗସ୍ଥିତ ସମୁଦାୟ ଖାଦ୍ୟ ନିଃଶେଷ ହେବାରୁ, ରାଜା ଏବଂ ରାଜପୁରୁଷ-ମାନେ ସେମାନଙ୍କ ସହିତ ଯୁଦ୍ଧ କରି ପ୍ରାଣ ବିସର୍ଜନ କଲେ । ଏହି ଦୁଃସମୟରେ ଚିତୋର-ରାଣୀ ଯବନମାନଙ୍କ ଠାରୁ ସତୀତ୍ୱ ରକ୍ଷାର ଅନ୍ୟ କୌଣସି ଉପାୟ ନ ଦେଖି ଚିତା-ନଳରେ ପ୍ରାଣ ବିସର୍ଜନ କରିବାକୁ ଦୃଢ଼ ସଂକଳ୍ପ କଲେ । ସେ ସମସ୍ତ ରାଜପୁତବାଳାଙ୍କୁ କରୁଣ ଅଥଚ ଗମ୍ଭୀର ସ୍ୱରରେ କହିଲେ, "ପ୍ରିୟ ଭଗ୍ନୀଗଣ ! ଆମ୍ଭେମାନେ ବର୍ତ୍ତମାନ କିପରି ଘୋର ଶୋଚନୀୟ ଅବସ୍ଥାରେ ପଡ଼ିଅଛୁଁ, ତାହା ତୁମ୍ଭମାନଙ୍କୁ ଅଜ୍ଞାତ ନାହିଁ, ଅତ୍ୟାଚାରୀ ଯବନ ଦୁର୍ଗ ମଧ୍ୟକୁ ପ୍ରବେଶ କରିବାର ଆଉ ବିଳମ୍ବ ନାହିଁ, ସେମାନଙ୍କ ଅତ୍ୟାଚାରରୁ ଉଦ୍ଧାର ପାଇବା ନିମନ୍ତେ ଆଉ ସତ୍ୱର ଉପାୟ ଅବଲମ୍ବନ କରିବାର ଉଚିତ । ଶତ୍ରୁ-ହାତରେ ପଡ଼ିଲେ ଆମ୍ଭମାନଙ୍କର

GPNanda Colln., Digitized by srujanika@gmail.com

କିପରି ଘୋର ଲଜ୍ଜା ଜନକ ଦୁର୍ଦ୍ଦଶା ହେବ ତାହା ବିଚାର ଦେଖ—ଯେଉଁ ଆର୍ଯ୍ୟକାଳରେ ସୀତା, ସାବିତ୍ରୀ ପ୍ରଭୃତି ନାରୀମାନେ ଜନ୍ମ ଗ୍ରହଣ କରି ନିଜ୨ ଜୀବନରେ ସତୀତ୍ୱର ଉଜ୍ଜ୍ୱଳ ଦୃଷ୍ଟାନ୍ତ ଦେଖାଇ ଯାଇ ଅଛନ୍ତି—ଉନ୍ନତମନା କୁଳ-ବାଳାମାନେ ଜାତି ହୋଇ ଜାତୀୟ ଗୌରବ ବୃଦ୍ଧି କରି ଅଛନ୍ତି—ଆମ୍ଭେମାନେ ସେହି ଆର୍ଯ୍ୟକାଳରେ ଜନ୍ମ ଗ୍ରହଣ କରିଅଛୁଁ । ବର୍ତ୍ତମାନ ଆମ୍ଭେମାନେ ସେମାନଙ୍କ ଦୃଷ୍ଟାନ୍ତ ଅବଲମ୍ବନ କରି ଆର୍ଯ୍ୟନାରୀର ଗୌରବ ରକ୍ଷା କରିବାର ପ୍ରକୃତ ସମୟ ଉପସ୍ଥିତ ହୋଇଅଛି । ଏହି ସମୟ ଆମ୍ଭ-ମାନଙ୍କର ପରୀକ୍ଷାର ଉତ୍ତମ ସମୟ । ଏହି ପରୀକ୍ଷା ଉପରେ ସମସ୍ତ ଆର୍ଯ୍ୟନାରୀର ଗୌରବ ନିର୍ଭର କରୁଅଛି । ଅତ ଯଦି ତୁମ୍ଭେମାନେ ପରୀକ୍ଷାରୁ ଉତ୍ତୀର୍ଣ୍ଣ ନ ହୁଅ—ତାହାହେଲେ ତୁମ୍ଭେମାନେ ଆର୍ଯ୍ୟ ଜାତିକୁ କଳଙ୍କିତ କରିବ—ଭବିଷ୍ୟତ ବଂଶଧର ମାନଙ୍କର ନିନ୍ଦନୀୟ ହେବ । ଜଗତରେ ତୁମ୍ଭମା-ନଙ୍କର ନିନ୍ଦା ଚିରକାଳ ରହିବ । ନାରୀର ଶ୍ରେଷ୍ଠତମ ଧନ ସତୀତ୍ୱ—ସେହି ସତୀତ୍ୱ ଜୀବନରୁ ଅଧିକ ପ୍ରିୟ । ତାହାର ରକ୍ଷାପାଇଁ ବର୍ତ୍ତମାନ ହୃଦୟରେ ସାହସ ବାନ୍ଧିବାର ଉଚିତ, ସ୍ୱ-ଧର୍ମ ରକ୍ଷା ନିମନ୍ତେ ପଛକୁ ଚାହିଁବା ଅପେକ୍ଷା ମୃତ୍ୟୁ ଶ୍ରେୟସ୍କର । ଊର୍ଦ୍ଧ୍ୱକୁ ଦୃଷ୍ଟି ନିକ୍ଷେପ କର—ତୁମ୍ଭମାନଙ୍କର ପିତା, ଭ୍ରାତା, ସ୍ୱାମୀ ପ୍ରଭୃତି ଆତ୍ମୀୟମାନେ ରଣ କ୍ଷେତ୍ରରେ ପ୍ରାଣଦାନ କରି, ସ୍ୱର୍ଗରେ ଥାଇ, ତୁମ୍ଭମାନଙ୍କର କାର୍ଯ୍ୟ-କଳାପ ସତୃଷ୍ଣ ନୟନରେ ନିରୀକ୍ଷଣ କରୁ ଅଛନ୍ତି । ସେମାନେ ଜୀବିତ ଥିବା କାଳରେ ତୁମ୍ଭମାନଙ୍କୁ ପ୍ରାଣ ସମ ସ୍ନେହ କରୁଥିଲେ । ଏତେବେଳେ କି ତୁମ୍ଭେମାନେ ସେହି ସବୁ ସ୍ନେହ ବିସ୍ମରଣ

GPNanda Colln., Digitized by srujanika@gmail.com

କର , ଅନିତ୍ୟ ମାତ୍ର ସଂସାରରେ ଦୁଷ୍ଟ ଯବନ ମାନଙ୍କ ହାତରେ ପଡ଼, ଅତ୍ୟାଚାରିତ ହେବ ? ଆର୍ଯ୍ୟଜାତିରେ କଳଙ୍କ ଲେପନ କରିବାକୁ କି ଲଜ୍ଜା ବୋଧ କରୁବ ନାହିଁ? ନା, ତାହା କଦାଚ ହୋଇ ନ ପାରେ । ଆସ ! ଆଉ ବିଳମ୍ବ ନ କର, ଅଗ୍ନି ପ୍ରଜ୍ୱଳିତ କରି, ଏକ ବାକ୍ୟରେ ହରି ଧ୍ୱନି କରି, ପତିର ପାଦପଦ୍ମ ସ୍ମରଣ କରି, ଏ ମାଟିର ଶରୀର ତହିଁରେ ନିକ୍ଷେପ କରିବାକୁ ପ୍ରସ୍ତୁତ ହୁଅ । ତାହାହେଲେ ଶରୀର ଅପେକ୍ଷା ମୂଲ୍ୟବାନ ସତୀତ୍ୱ ଧନ ରକ୍ଷା ହେବ " । ରାଣୀଙ୍କର ଏହି ଉତ୍ସାହ ବାକ୍ୟ ଶ୍ରବଣ କରି ଆବାଳ ବୃଦ୍ଧା ସମସ୍ତ ନାରୀବୃନ୍ଦ ସସ୍ମିତ ବଦନରେ ପ୍ରଜ୍ୱଳିତ ଅଗ୍ନି ମଧ୍ୟକୁ ଲମ୍ଫ ପ୍ରଦାନ କରି, ଭସ୍ମରେ ପରିଣତ ହେଲେ । ସେମାନଙ୍କ ସତୀତ୍ୱ ରକ୍ଷାର ଏହି ଅଲୌକିକ ବ୍ୟାପାର ଆଜି ଆର୍ଯ୍ୟ ହିନ୍ଦୁ ସମାଜକୁ ଗୌରବାନ୍ୱିତ କରୁ ଅଛି ।

ନାରୀଜାତିର କ୍ଷମତା ।

ପଣ୍ଡିତା ରମାବାଈ ପୁନା ନଗରୀରେ ବାସ କରୁଥିଲେ । କେତେକ ବର୍ଷ ହେଲା ସେ ପ୍ରାଣତ୍ୟାଗ କରି ଅଛନ୍ତି । ସେ ଭାରତବର୍ଷର ଅଧିକାଂଶ ସ୍ଥଳ, ଇଂଲଣ୍ଡ ଓ ଆମେରିକା ଭ୍ରମଣ କରି ବକ୍ତୃତା ଦେଇ ସମସ୍ତଙ୍କୁ ଚମତ୍କୃତ କରିଥିଲେ । ସେ ସଂସ୍କୃତ ଭାଗବତ, ରାମାୟଣ ପ୍ରଭୃତି ଶାସ୍ତ୍ର କଣ୍ଠସ୍ଥ କରି ରଖିଥିଲେ । ହିନ୍ଦି, ବଙ୍ଗଳା, ମରହଟ୍ଟା ଓ ଇଂରେଜୀ ଭାଷାରେ ତାଙ୍କର ଅସାଧାରଣ ପାରଦର୍ଶିତା ଥିଲା । କଲିକତା ମହାନଗରୀରେ ଗୋଟିଏ ପ୍ରକାଣ୍ଡ ପଣ୍ଡିତ ସଭାରେ ସେ 'ସରସ୍ୱତୀ' ଉପାଧି ପାଇଥିଲେ ।

GPNanda Colln., Digitized by srujanika@gmail.com

ଟେ ଗୋଟିଏ ବିଦ୍ୟାଳୟ ସ୍ଥାପନ କରି ଅନାଥା ବାଳିକା ମାନଙ୍କୁ ସ୍ୱୟଂ ଶିକ୍ଷା ଦେଉଥିଲେ । ସେ ଅନେକ ହିତ ଜନକ ପୁସ୍ତକ ଓ ପୁସ୍ତିକା ଲେଖି ଯାଇ ଅଛନ୍ତି । ଇଂଲଣ୍ଡ ଅମେରିକା ପ୍ରଭୃତି ଦେଶମାନଙ୍କ କଥା ଦୂରେଥାଉ ଏ ଦେଶରେ ଅନେକ ମହିଳା ଇଂରେଜୀ ଓ ସଂସ୍କୃତ ସାହିତ୍ୟର ସର୍ବୋଚ୍ଚ ପରୀକ୍ଷା ଏବଂ ବିଜ୍ଞାନ ଓ ଡାକ୍ତରୀ ପରୀକ୍ଷା ମାନଙ୍କରେ ଉତ୍ତୀର୍ଣ୍ଣ ହୋଇ ସେହି ବିଭାଗରେ ଦକ୍ଷତାର ସହିତ କାର୍ଯ୍ୟ କରୁ ଅଛନ୍ତି । କେତେ ନାରୀ କୌମାର୍ଯ୍ୟ ବ୍ରତ ଧାରଣ କରି କୁଷ୍ଠରୋଗ ପ୍ରଭୃତି ବ୍ୟାଧିଗ୍ରସ୍ତ ଲୋକମାନଙ୍କର ସେବା ଶୁଶ୍ରୂଷା ଓ ଧର୍ମ ପ୍ରଚାରରେ ପ୍ରାଣ ଉତ୍ସର୍ଗ କରୁଅଛନ୍ତି ।

ନାରୀ ମାନଙ୍କର ସାହସ କମ ନୁହେ । ଦୁର୍ଗାବତୀଙ୍କର ଅସୀମ ସାହସର କଥା ମନେ ପଡିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ । ଅଦ୍ୟାପି ଉତ୍ତରାଞ୍ଚଳରେ ନାରୀମାନେ ସୈନିକ କାର୍ଯ୍ୟ କରନ୍ତି । ଗତ ଚୀନ-ଜାପାନ ଯୁଦ୍ଧ କାଳରେ ସ୍ୱ ଦେଶର ଗୌରବ ରକ୍ଷାପାଇଁ ଜାପାନ-ରମଣୀମାନେ ସୈନିକ ବିଭାଗରେ ପ୍ରବେଶ ହେବାକୁ ଉଦ୍ୟତ ଥିଲେ ।

ଅସ୍ମମାନଙ୍କ ମାତୃସମା ସ୍ୱର୍ଗୀୟା ମହାରାଣୀ ଭିକ୍ଟୋରିଆ ପୃଥିବୀର ପ୍ରାୟ ଚତୁର୍ଥାଂଶ ଦେଶ ସୁଚାରୁରୂପେ ସୁଶାସନ କରି ରାଜନୀତିର ପରାକାଷ୍ଠା ଦେଖାଇ ଯାଇ ଅଛନ୍ତି ।

କିଏ କହିବ ଯେ, ନାରୀଜାତି ଦେଶର ମଙ୍ଗଳଜନକ ମହତ୍ କାର୍ଯ୍ୟ ସାଧନରେ ଅନୁପଯୁକ୍ତା ?

GPNanda Colln., Digitized by srujanika@gmail.com

GPNanda Colln., Digitized by srujanika@gmail.com

GPNanda Colln., Digitized by srujanika@gmail.com